# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱାରୋପ






ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ୪ ଜିଲାର ନିର୍ବାଚନ ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି ।

**ଯାଜପୁର,୩୦।୪(ହର୍ଷବର୍ଦ୍ଧନ ବେହେରା):**

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମଙ୍ଗଳବାର ଦିନିକିଆ ଯାଜପୁର ଜିଲା ଗସ୍ତରେ ଆସି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲାର ନିର୍ବାଚନ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ୪ ଜିଲାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ, ଆଇଜି (ସେଣ୍ଟ୍ରାଲ ରେଞ୍ଜ) ସଞ୍ଜୟ କୁମାର କୌଶଲ, ଆଇଜି (ଇଷ୍ଟର୍ନ ରେଞ୍ଜ) ଦୀପକ କୁମାର ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ଅଧିକାରୀ ସମୀର ଦାସ ଏଥିରେ ଭାଗ ନେଇଥିଲେ। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ଏବଂ ଜିରୋ କାଜୁଆଲିଟିକୁ ଲକ୍ଷ୍ୟ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପକୁ ଗୁରୁତ୍ୱ ଦିଆଯାଇଥିଲା।

ଜୁନ୍ ୧ରେ ବାଲେଶ୍ୱର ,ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ । ଏହିକ୍ରମରେ ନିର୍ବାଚନ ଅଧିକାରୀଙ୍କୁ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ପାୱାର ପଏଣ୍ଟ ମାଧ୍ୟମରେ ଜିଲାର ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ତାଲିମ କାର୍ଯ୍ୟକ୍ରମ, ସଖୀ ବୁଥ୍‌ରେ ମହିଳା ପୋଲିଂ ପର୍ସୋନେଲ ନିଯୁକ୍ତି ଏବଂ ବୁଥ୍‌ରେ ମହିଳା ପୋଲିସ କର୍ମଚାରୀ ନିଯୁକ୍ତି, ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେବାପାଇଁ ଫର୍ମ ୧୩-ଏ, ୧୩-ବି ଓ ୧୩-ସି ର ବ୍ୟବହାର, ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ସର୍ବାଧିକ ଶତକଡା ୧୦ ଭାଗ ହୋମ୍ ଭୋଟିଂ ବ୍ୟବସ୍ଥା କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀ ଧଳ ନିର୍ଦ୍ଦେଶ ଦେଇଥିଲେ। ନାମାଙ୍କନ ପତ୍ର ଦାଖଲ ଦିନ ପ୍ରାର୍ଥୀମାନଙ୍କ ସୂଚନାକୁ ବିଧି ଅନୁଯାୟୀ ଯାଞ୍ଚ କରିବା, ଫର୍ମ-ଏ ଓ ଫର୍ମ-ବି କୁ ତନଖି କରିବା, ହୋମ୍ ଭୋଟିଂର

## ୪ ଜିଲା ନିର୍ବାଚନ ପରିଚାଳନାର ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଫର୍ମ-୧୨ବି କୁ ବିଏଲ୍‌ଓମାନେ ବାଣ୍ଟିବା, କାଉଣ୍ଟିଂ ପ୍ରପୋଜାଲରେ ଲୋକ ସଭା ପାଇଁ ଫର୍ମ-ଡି ଓ ବିଧାନସଭା ପାଇଁ ଫର୍ମ-ଇ ର ବ୍ୟବହାର ଦିଗରେ ଆଲୋଚନା କରିଥିଲେ । ସେହିପରି ଜିଲାର ସୀମାଗୁଡିକୁ ସିଲ୍ କରିବା, ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍‌କୁ ଜାଗ୍ରତ କରି ରଖିବା ଏବଂ ସିସି କ୍ୟାମେରା ଲଗାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ନିର୍ଦ୍ଦେଶ ଦେଇଥିଲେ ।

ସି-ଭିଜିଲ, ସୁଇଭ କାର୍ଯ୍ୟକ୍ରମରେ ବ୍ୟାପକ ଭୋଟଦାନ ସମ୍ପର୍କରେ ଜନ ଜାଗରଣ କରିବା, ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀକୁ ଆଖିରେ ରଖି ରିସିଭିଂ ସେଣ୍ଟର ନିକଟରେ ଶୀତତାପ ନିୟନ୍ତ୍ରିତ କୋଠରିର ବ୍ୟବସ୍ଥା ଓ ପୋଷ୍ଟାଲ ବାଲଟ ଗଣତି କେନ୍ଦ୍ରରେ ବାରିକେଡିଂ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଭୋଟ ଗଣିତି ଦିନ ଗଣମାଧ୍ୟମକୁ ସୂଚନା ଦେବା ନିମନ୍ତେ ଉପଯୁକ୍ତ ସ୍ଥାନ ପ୍ରସ୍ତୁତ, ବୁଥ୍‌ରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ସହ ବିଜୁଳି ଆଲୋକ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯୁବ ଭୋଟରମାନଙ୍କୁ ଭୋଟ୍ ଦେବାପାଇଁ ସଚେତନତା କରିବା, ଉତ୍ତେଜନା ପ୍ରବଣ ବୁଥ୍‌ଗୁଡିକୁ ସୁରକ୍ଷା, ୫୦ ହଜାରରୁ ଅଧିକ ଟଙ୍କା ନେଇ ଯାଉଥିଲେ ତାକୁ ସିଜ୍ କରିବା, ୧୦୭ ସିପିସି ଏବଂ ୧୧୦ ସିପିସି କଡାକଡି ଭାବେ ପାଳନ କରିବା, ମଦ, ଗଞ୍ଜେଇ, ଅଫିମ, ବ୍ରାଉନ୍‌ସୁଗାର ଯାଞ୍ଚକୁ କଡାକଡି କରିବା ତଥା ଅବକାରୀ ବିଭାଗ ଏ ଦିଗରେ କଡା ପଦକ୍ଷେପ ନେବାକୁ ଏବଂ ୬୦ ଭାଗ ବୁଥ୍‌କୁ ୱେବ୍‌କାଷ୍ଟିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆର୍ମ ଲାଇସେନ୍ସ ଡିପୋଜିଟ୍, ଇଲିଗାଲ ଆର୍ମ ଲାଇସେନ୍ସ ଉପରେ ଜରିମାନା, ସାଡୋ ବୁଥ୍ କୁ ଠିକ୍ ଭାବେ ପରିଚାଳନା କରିବା, କାଉଣ୍ଟିଂ ହଲକୁ ତ୍ରିସ୍ତରୀୟ ପୋଲିସ୍ କର୍ଡନରେ ରଖିବା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକୁ ଠିକ ଢଙ୍ଗରେ ଆଦର୍ଶ ଆଚରଣ ବିଧି ଅନୁଯାୟୀ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଯାଜପୁର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ବାଲେଶ୍ୱର ଜିଲାପାଳ ଆଶିଷ ଠାକରେ, ମୟୂରଭଞ୍ଜ ଜିଲାପାଳ ରାୟ ଭାଉସାହେବ ସିନ୍ଦେ, ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କଟକ ଜିଲାପାଳ ଅରିନ୍ଦମ ଡାକୁଆ, ଯାଜପୁର ଏସ୍‌ପି ଭିନୀତ୍ ଅଗ୍ରୱାଲ, ମୟୂରଭଞ୍ଜ ଏସ୍‌ପି ଏସ୍. ସୁଶ୍ରୀ, ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏବଂ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିଦର୍ଶନ କରି କାଉଣ୍ଟିଂ ହଲ ନିରୀକ୍ଷଣ କରିଥିଲେ ।

# ଝାଞ୍ଜିପବନରେ ରାସ୍ତାଘାଟ ଶୂନ୍‌ଶାନ୍

**ବ୍ରହ୍ମବରଦା,୩୦।୪(ଯଯାତି କେଶରୀ ବେହେରା):**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବ୍ରହ୍ମବରଦା ଅଞ୍ଚଳରେ ୪୪ଡିଗ୍ରୀ ଉତ୍ତାପରେ ସିଝୁଛନ୍ତି ଅଞ୍ଚଳବାସୀ। ପୂର୍ବାହ୍ନ ୧୦ଟାରୁ ଗ୍ରୀଷ୍ମପ୍ରବାହ ସ୍ଥିତି ଲାଗିରହିବା ସହ ଅସହ୍ୟ ଗୁଳୁଗୁଳି ଓ ଝାଞ୍ଜିପବନ ପ୍ରବାହିତ ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଘରୁ ବାହାରିବା ପାଇଁ ଲୋକେ ଡରୁଛନ୍ତି। ଏହି ଖରାରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଅନ୍ୟପକ୍ଷରେ ଇଲେକ୍ଟ୍ରିଦୋକାନ, ଥଣ୍ଡା ମୃଦୁପାନୀୟ ଓ ଲସି ଦୋକାନରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। ଅଞ୍ଚଳର ବିଭିନ୍ନ ସ୍ଥାନରେ ଲେକଙ୍କ ଦ୍ୱାର ଜଳଛତ୍ର ବ୍ୟବସ୍ଥା କରାଯାଉଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଶାସନ ପକ୍ଷରୁ ଜଳଛତ୍ର କରାଯାଇନାହିଁ। ବୁଦ୍ଧିଜୀବୀ ଏହାକୁ ଘୋର ନିନ୍ଦା କରିଛନ୍ତି। ବ୍ରହ୍ମବରଦା ଅଞ୍ଚଳକୁ ଏହାର ଆଖପାଖର ପ୍ରାୟ୧୦ରୁ୧୫ ପଞ୍ଚାୟତର ଲୋକେ ସାମଗ୍ରୀ କିଣାବିକା ପାଇଁ ନିର୍ଭର କରିଥାନ୍ତି। ହେଲେ ଗ୍ରୀଷ୍ମପ୍ରବାହ ପାଇଁ ଲୋକେ ନ ଆସିବାରୁ ବେପାର ମାନ୍ଦା ରହିଥିବା ତାରିଣୀ ଛକ ବ୍ୟବସାୟୀ ସଂଘ ପ୍ରକାଶ କରିଛି।



ଗ୍ରୀଷ୍ମ ପ୍ରବାହ ଯୋଗୁ ବ୍ରହ୍ମବରଦା ଅଞ୍ଚଳ ଜନଶୂନ୍ୟ ହୋଇପଡ଼ିଛି ।

# ବନ୍ଧଡ଼ିହ ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ବ୍ରହ୍ମବରଦା,୩୦।୪ (ଯଯାତି କେଶରୀ ବେହେରା)**

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବନ୍ଧଡ଼ିହ ଗ୍ରାମର ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ରବିବାର ଶିକ୍ଷାବିତ୍ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଦ୍ୟା ବିକାଶ ସମିତିର ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ, ମୁଖ୍ୟଅତିଥି ଭାବେ ବିଦ୍ୟା ବିକାଶ ସମିତିର ସମ୍ପାଦକ ନରହରି ସେନ, ସମ୍ବର୍ଦ୍ଧିତ ଅତିଥି ଭାବେ ବିଦ୍ୟା ବିକାଶ ସମିତିର ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବାବା ଭୈରାବନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଡ. ଦିଲୀପ କୁମାର ନାୟକ ଓ ରାଧାରମଣ ମହାବିଦ୍ୟାଳୟ ପଟ୍ଟାମୁଣ୍ଡାଇର ଓଡ଼ିଆ ବିଭାଗର ଅଧ୍ୟାପକ କିଶୋରଚନ୍ଦ୍ର ଦାସ, ଅନ୍ୟ ସମ୍ମାନିତ ଅତିଥି ଭାବେ ବିଦ୍ୟା ବିକାଶ ସମିତିର ସଭ୍ୟ ମାନସ ରଞ୍ଜନ କର, ଧାରପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଅଜୟ କୁମାର ସାହୁ ଏବଂ ସାଲେପୁର ଶଶୁବିଦ୍ୟା ମନ୍ଦିରର ମୁଖ୍ୟ ପରିଚାଳକ ସଂଗ୍ରାମ କେଶରୀ ସାହୁ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ନାୟକ, ଗୁରୁମା ସନ୍ଧ୍ୟାରାଣୀ , ହରପ୍ରିୟା ଜେନା, ମଧୁସ୍ମିତା ଜେନା, ଚିନ୍ମୟୀ ବେହେରା, ଅନିତା ସେଠୀ ଏବଂ ସୁପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିଥିଲେ। ସଭାପତି ହେମନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ୱେଷଣ ପକ୍ଷରୁ ଗାନ୍ଧୀ ଛକରେ ଜଳସେବା




ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଜଳ ବଣ୍ଟନ କରାଯାଉଛି ।

**ଯାଜପୁର ଟାଉନ,୩୦।୪ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଯାଜପୁର ଜିଲାର ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଟାଉନ ଗାନ୍ଧୀଛକଠାରେ ଜଳସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅନ୍ୱେଷଣ ଥିଏଟର ଗ୍ରୁପର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଉଦ୍‌ଘାଟନ କରିଛନ୍ତି । ଯାଜପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଯୋଗଦେଇ ପଥଚାରୀମାନଙ୍କୁ ଦହିପାଣି ବଣ୍ଟନ କରିଥିଲେ। ଅନ୍ୱେଷଣ ପକ୍ଷରୁ ପ୍ରତିବର୍ଷ ଗାନ୍ଧୀଛକରେ ଏହି ମହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ସୁବାସ ଚନ୍ଦ୍ର ଦେବତା, ଧନଞ୍ଜୟ ପୃଷ୍ଟି, ଉପେନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରା, କୋର କମିଟିର ଅଧ୍ୟକ୍ଷ ସେକ୍ ଅବଦୁଲ ସାଜିଦ୍ , ଶଙ୍କର ସାହୁ, ଭରତ ଚନ୍ଦ୍ର ବେହେରା, ସମରଜିତ୍ ମହାନ୍ତି, ସଦସ୍ୟା ଶକୁନ୍ତଳା ବେହେରା, ମୋନାଲିସା ବେହେରା, ମଧୁସ୍ମିତା ରଥ, ସଂଯୁକ୍ତା ପଣ୍ଡା, ସସ୍ମିତା ନନ୍ଦ, ସୀମାରାଣୀ ଜେନା, ମନିଷା ରାଉତ, ତପସ୍ୱିନୀ ମଲିକ, ରଞ୍ଜିତା ସେଠୀ, ସାଇସ୍ମିତା ବେହେରା ପ୍ରମୁଖ ପଥଚାରୀମାନଙ୍କୁ ଦହିପାଣି ବଣ୍ଟନ କରିଥିଲେ।

# ଅଣ କର୍ମଚାରୀଙ୍କ କବ୍‌ଜାରେ ଓଏମ୍‌ସି କ୍ୱାର୍ଟସ

**ଯାଜପୁର,୩୦।୪ (ହର୍ଷବର୍ଦ୍ଧନ ବେହେରା) :**

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସ ଆବଣ୍ଟନ ଅନିୟମିତତା ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଆଇନଗତ ଅଧିକାର ନ ଥିବା ଶତାଧିକ କ୍ୱାର୍ଟର୍ସକୁ ମାଡି ବସିଥିବାବେଳେ ଏଥର କେତେକ କ୍ୱାର୍ଟର୍ସ ସିକ୍ୟୁରିଟି ଗାର୍ଡଙ୍କ ହାତକୁ ଯାଇଛି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା କ୍ରୋମ ଉପତ୍ୟକାରେ ଥିବା ଓଏମ୍‌ସି କାଳିଆପାଣି ଅଧୀନରେ ୪୪୮ଟି କ୍ୱାର୍ଟର୍ସ ନିର୍ମାଣ କରାଯାଇଛି। କିନ୍ତୁ ଏହାର ଆବଣ୍ଟନ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥ କାରବାର ହୋଇ ଅଣ କର୍ମଚାରୀଙ୍କ ହାତକୁ ଟେକି ଦିଆଯାଇଥିବା ଅଭିଯୋଗ ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୪୪୮ଟି କ୍ୱାର୍ଟର୍ସରୁ ୨୮୨ଟି କ୍ୱାର୍ଟର୍ସକୁ ଓଏମ୍‌ସି କର୍ମଚାରୀମାନଙ୍କୁ ଆବଣ୍ଟନ କରାଯାଇଛି। ବାକି କ୍ୱାର୍ଟର୍ସକୁ ବେଆଇନ ଭାବେ ଅବସରପ୍ରାପ୍ତ କର୍ମଚାରୀ, ଠିକାସଂସ୍ଥା କର୍ତ୍ତୃପକ୍ଷ, ବ୍ୟାଙ୍କ କର୍ମଚାରୀ ପ୍ରମୁଖଙ୍କୁ ଦିଆଯାଇଛି। ଏପରି କି ବେଆଇନ କବ୍‌ଜା କରିଥିବା କ୍ୱାର୍ଟର୍ସର ବିଦ୍ୟୁତ ଓ ପାଣି ଖର୍ଚ୍ଚ ମଧ୍ୟ ଓଏମ୍‌ସି ବହନ କରୁଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁସାରେ ଇ/100, ଇ/102, ଇ/178 କ୍ୱାର୍ଟର୍ସକୁ ସିକ୍ୟୁରିଟି ଗାର୍ଡଙ୍କୁ ଆବଣ୍ଟନ ହୋଇଛି। ଫଳରେ ସେଣ୍ଟ୍ରାଲ ଟାଉନସିପ୍‌ରେ ଥିବା ପ୍ରାୟ ଘର ଗୁଡିକୁ ଚଞ୍ଚକତା କରି ଅସାଧୁ ଉପାୟରେ ଆବଣ୍ଟନ କରାଯାଇଥିବା ବାରି ହୋଇ ପଡୁଛି। ଓଏମ୍‌ସିର ଜଣେ କର୍ମଚାରୀ ଅବସର ପରେ ବି ସୁଦୂର କେନ୍ଦୁଝରରୁ ଆସି ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଓଏମ୍‌ସିର ଏକ କ୍ୱାର୍ଟର୍ସ ମାଡି ବସିବାରେ ସକ୍ଷମ ହୋଇଛନ୍ତି। ନିଜର ପୈତୃକ ସମ୍ପତ୍ତି ଭଳି ଓଏମ୍‌ସି କ୍ୱାର୍ଟସ ଛାଡିବାକୁ ନାଁ ଧରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ କ୍ଷେତ୍ରରେ ଓଏମ୍‌ସିରର ଉଚ୍ଚ କର୍ତ୍ତୃପକ୍ଷ ସବୁ ଜାଣିଥିଲେ ସୁଦ୍ଧା କାହା ଚାପରେ ହାତବାନ୍ଧି ବସିଥିବା ଚର୍ଚ୍ଚା ହେଉଛି। ଅନୁରୂପ ଭାବେ ବେଆଇନ କ୍ୱାର୍ଟର୍ସ କବ୍‌ଜା ହୋଇଥିବାରୁ ଓଡ଼ିଶା ସରକାର ଅନେକ କୋଟି ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି।

# ହାଇୱା ପଛରେ ହାଇୱା ଧକ୍କା, ଚାଳକ ଗୁରୁତର

**ପାଣିକୋଇଲି,୩୦।୪(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ବ୍ରିଜ ନିକଟରେ ଏକ ବାଲି ବୋଝେଇ ହାଇୱା ପଛରେ ଅନ୍ୟ ଏକ ବାଲି ବୋଝେଇ ହାଇୱା ଧକ୍କା ହୋଇଛି। ଫଳରେ ଚାଳକ ଗୁରୁତର ହୋଇଛନ୍ତି। ସୋମବାର ରାତିରେ ଏକ ବାଲି ବୋଝେଇ ହାଇୱା (ଓଡି୦୧ଏଏମ୯୮୨୮) ସଠିପୁର ଓଭରବ୍ରିଜ ତଳ ସଂଯୋଗୀକରଣ ରାସ୍ତାରେ ରାଜପଥକୁ ଭଦ୍ରକ ପଟକୁ ଉଠୁଥିଲା। ଏହି ସମୟରେ ଅନ୍ୟ ଏକ ହାଇୱା ପଛରେ ଧକ୍କା ଦେଇଥିଲା। ଫଳରେ ପଛ ହାଇୱାର ଚାଳକ ଗୁରୁତର ହୋଇଥିଲେ। ରାଜପଥ ପାଟ୍ରୋଲିଂ ପୋଲିସ ଓ ପାଣିକୋଇଲି ପୋଲିସ ପହଞ୍ଚି ଟ୍ରକକୁ ଜବତ କରିଥିଲା।

# ଧର୍ମଶାଳା ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

**ଧର୍ମଶାଳା/ଚଢ଼େଇଧରା,୩୦।୪ (ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା):**

ଧର୍ମଶାଳା ବିଜେଡି ପକ୍ଷରୁ ୨ ଜୋନର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୧ନଂ. ଜୋନ ବାରକଣା ଖେଳପଡିଆ ଏବଂ ୧୨ନଂ. ଜୋନର କମାଗଡ ହିଙ୍ଗୁଳା ପଡ଼ିଆରେ ଏହି ୨ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଯାଜପୁର ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଯୋଗଦେଇ ଯେପରି ସବୁ କାର୍ଯ୍ୟରେ ଧର୍ମଶାଳା ଆଗୁଆ ସେହିପରି ନିର୍ବାଚନ ପରିପ୍ରେକ୍ଷିରେ ମଧ ଧର୍ମଶାଳା ଆଗରେ ବୋଲି କହିଥିଲେ। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ୧୧ନଂ. ଜୋନ ସଦାସର୍ବଦା ବିଜୁ ଜନତା ଦଳ ସାଥିରେ ରହିଛି। ଯେଉଁ ସମୟରେ କଂଗ୍ରେସର ଦବଦବା ଥିଲା ସେ ସମୟରେ ବିଜୁ ଜନତା ଦଳକୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ ଏହି ଜୋନର ଜନସାଧାରଣ। ଦିନେ ଅଗମ୍ୟ ଥିବା ଏହି ଜୋନରେ ଆଜି ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହା ଉନ୍ନତିର ଶିଖରରେ ପହଞ୍ଚିଥିବା ସେ କଥା କହିଥିଲେ। ୧୨ନଂ. ଜୋନର କର୍ମୀମାନେ କୁସ୍ଥିରା ଛକଠାରୁ ଏକ ବିଶାଳ ବାଇକ ରାଲିରେ ସଭାସ୍ଥଳ ପର୍ଯ୍ୟନ୍ତ ୨ ପ୍ରାର୍ଥୀଙ୍କୁ ପାଛୋଟି ନେଇଥିଲେ। ସମାବେଶରେ ଧର୍ମଶାଳାର ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳନ୍ତରାୟ, ୧୧ନଂ.ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ଓ ୧୨ନଂ. ଜୋନ ଜିଲା ପରିଷଦ ପ୍ରଣତି ଲେଙ୍କା ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।




ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଦୁଇ ପ୍ରାର୍ଥୀ ଓ ଅନ୍ୟମାନେ ।

# ପ୍ରଦୂଷିତ ହେଉଛି କେଲୁଅ ନଦୀ

- କାଏମା ବ୍ରିଜ୍ ଉପରୁ ପଡୁଛି ଆବର୍ଜନା
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

**କାଏମା,୩୦।୪(ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଏହି ବ୍ଲକ ଅନ୍ତର୍ଗତ କାଏମା ବ୍ରିଜ ଉପରୁ ଲୋକେ ନଦୀକୁ ଅଳିହା ଆବର୍ଜନା ପକାଉ ଥିବାରୁ ପାଣି ଦୂଷିତ ହେବା ସହ ନାନା ପ୍ରକାର ଅସୁବିଧା ହେଉଛି। ପାଣିରେ ମିଶୁଛି କୁଡ଼କୁଡ଼ ଆବର୍ଜନା, କୁକୁଡ଼ା ପର, ମାଛ କାତି ଓ ଲୋକଙ୍କ କଟା ହୋଇ ଥିବା ଚୁଟି। ଖାଲି ଏତିକି ନୁହେଁ ମରିଥିବା ଗୋରୁଙ୍କୁ ଆଣି ବି ଲୋକେ ଫୋପାଡି ଦେଇ ଚାଲି ଯାଉଛନ୍ତି।

ଗୋକନେଶ୍ୱର ମନ୍ଦିର ନିକଟ ଦେଇ ବ୍ରାହ୍ମଣୀ ନଦୀ ପ୍ରବାହିତ ହୋଇଥିବାବେଳେ ତିନିମୁହାଣିରୁଠାରୁ ଭାଗ ହୋଇ ଗୋଟିଏ ପାର୍ଶ୍ୱ କେଲୁଅ ନଦୀ ଭାବେ ପ୍ରବାହିତ ହେଉଛି। ଏହି ନଦୀ ଅଞ୍ଚଳର ପାକୃତିକ ସୌନ୍ଦର୍ଯ୍ୟକୁ ବଢ଼ାଉଥିବାବେଳେ ତାହା ପ୍ରତି କାହାର ଗୁରୁତ୍ୱ ନ ଥିବା ଭଳି ଅନୁଭବ ହେଉଛି। ଏହାର କୂଳରେ ଅନେକ ଗାଁର ଲୋକେ ଚାଷ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଦିନ ସକାଳୁ କାଏମା ବ୍ରିଜ ନିକଟରେ ଶହଶହ ଲୋକେ ଗାଧୋଉଥିବା ଦେଖିବାକୁ ମିଳିଥାଏ। ହେଲେ କାଏମା ବଜାର, ନରସିଂହପୁର ବଜାର ଓ ଏହାର ଆଖପାଖ ଅଞ୍ଚଳର କିଛି ସ୍ଥାନୀୟ ସେଲୁନ, ମାଛ ଦୋକାନୀ, ଚିକେନ ଦୋକାନୀ ସେମାନଙ୍କ ଆବର୍ଜନା ପକାଇ ଏହାକୁ ଦୂଷିତ କରୁଛନ୍ତି। ଖରା ଦିନରେ ନଦୀରେ ପାଣି କମ ଥିବାରୁ କିଛି ଆବର୍ଜନା ଭାସି ଯାଉଛି ତ ଅନେକ ସେଠାରେ ଜମାଟ ବାନ୍ଧି ରହୁଛି। କିଛି ମଧ ବାଲି ଉପରେ ପଡ଼ି ରହୁଛି। ଏହା କିଛି ଦିନ ରହିଯିବା ପରେ ବହୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକେ ଗାଧୋଇବାକୁ ନାପସନ୍ଦ କରୁଛନ୍ତି। ଯେଉଁମାନେ ଏହି ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି ସେମାନେ ବିଭିନ୍ନ ଚର୍ମରୋଗର ଶିକାର ହେଉଥିବା କହିଛନ୍ତି। ଏହା ଉପରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



କେଲୁଅ ନଦୀ ତଟରେ ଅଳିଆ ଆବର୍ଜନା ପଡ଼ିଛି ।

# ଚୋରା ପାନୀୟଜଳ ବିକ୍ରି ଉପରେ ଚଢ଼ାଉ

■ ୧୯ ଜାଗାରେ ପାଣି କାରଖାନା ଚିହ୍ନଟ
■ ୫ଟି ବିଶୋଧନ ସ୍ଥାନରୁ ପାଣିର ନମୁନା ସଂଗ୍ରହ ଓ ନୋଟିସ ଜାରି

ପାରାଦୀପ,୩୦।୪(ଶରତ ରାଉତ)

ଜଗତସିଂହପୁର ଜିଲା ପାରାଦୀପ ଶିଳ୍ପ ଭିତ୍ତିକ ସହରାଞ୍ଚଳରେ ଗତ କିଛି ବର୍ଷ ହେଲା ଅନେକ ପାନୀୟଜଳ କାରଖାନା ସୃଷ୍ଟି ହୋଇଛି। କିନ୍ତୁ କୌଣସି କାରଖାନା ସରକାରୀ ଭାବେ ସ୍ୱୀକୃତି ପାଇନାହାନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ପ୍ରଥମ କରି ଜିଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ୍ ପାରାଦୀପରେ ଯାଞ୍ଚ କରିଛି। ଏହି ସମୟରେ ସ୍କ୍ୱାଡ୍ ପକ୍ଷରୁ ୫ଟି ପାନୀୟଜଳ କାରଖାନାର ପାଣି ନମୁନା ସଂଗ୍ରହ କରାଯାଇଛି ଏବଂ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଯେଉଁ ୫ଟି କାରଖାନାର ନମୁନା ସଂଗ୍ରହ କରାଯାଇଛି ସେଗୁଡ଼ିକ କେବଳ ଷଣ୍ଢକୁଦ ବସ୍ତିରେ ଅଛି। ଏଥିସହ ପାରାଦୀପ ସହରରେ ୧୯ଟି ବେଆଇନ ପାଣି କାରଖାନା ଚାଲୁଛି ବୋଲି ଜିଲା ପ୍ରଶାସନର ଚିଠି (୪୪୨/୨୬-୦୪-୨୪)ରୁ ସ୍ପଷ୍ଟ ହୋଇଛି। ଚଢ଼ାଉରେ କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ, ପୌର ନିର୍ବାହୀ ଅଧିକାରୀ ଅଭିଳାଷ ପଣ୍ଡା, ଖାଦ୍ୟ ନିରୀକ୍ଷକ ପ୍ରୀତିଶ ଦାସ, ପାରାଦୀପ ଆଦର୍ଶଥାନା,ଲକ୍ଥାନା, ଜଟାଧାରମୁହାଣ ସାମୁଦ୍ରିକ ଥାନାଧିକାରୀମାନେ ସାମିଲ ହୋଇଥିଲେ।


ଜିଲା ପ୍ରଶାସନର ମିଳିତ ସ୍କ୍ୱାଡ୍ ପକ୍ଷରୁ ଏକ ପାଣି କାରଖାନା ଉପରେ ଚଢ଼ାଉ କରାଯାଉଛି।

ସୂଚନାଯୋଗ୍ୟ, ପାରାଦୀପର ଅନେକ ସ୍ଥାନରେ କେତେଜଣ ମୁଷ୍ଟିମେୟ ଲୋକ ଭୂତଳ ଜଳକୁ ଉତ୍ତୋଳନ କରି ବିଭିନ୍ନ କମ୍ପାନୀକୁ ଯୋଗାଉଛନ୍ତି। ତା'ସହ ଛୋଟ ବିଶୋଧନ ପ୍ଲାଣ୍ଟ କରି ସେହି ପାଣିକୁ ବୋତଲରେ ଭର୍ତ୍ତି କରି ଅବାଧରେ ବିକ୍ରି କରୁଛନ୍ତି। ପାରାଦୀପ ସହରରେ ଦିନବେଳେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟ ଡାଲା ଅଟୋରେ ଏହା ଯାତାୟାତ କରୁଥିବା ଦେଖିବାକୁ ମିଳିଥାଏ। ଅନେକ ଘରେ ନିୟମିତ ଯୋଗାଣ ମଧ୍ୟ କରାଯାଉଛି। ଏହି ଘଟଣା ସମ୍ପର୍କରେ ଜିଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ବିଭାଗକୁ ସୂଚନା ମଗାଯିବା ପରେ ମାତ୍ର ଗୋଟିଏ ପାଣି କାରଖାନା ସ୍ୱୀକୃତି ନେଇଥିବା ଜଣାପଡ଼ିଛି। ତାହା ପାରାଦୀପଗଡ ପଞ୍ଚାୟତ ନିମିଢି ଗ୍ରାମରେ ରହିଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ରନାଥ ଜେନାଙ୍କୁ ପଚାରିଲେ କୁହନ୍ତି, କୌଣସି ଲୋକ ଆମ ବିଭାଗରୁ ଭୂତଳ ଜଳ ଉତ୍ତୋଳନ ପାଇଁ ସ୍ୱୀକୃତି ନେଇନାହାନ୍ତି। ଏମିତି ଘଟଣାକୁ ନେଇ ଏକାଧିକ ଥର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନକ୍ରମେ ଫାଉଣ୍ଡେଶନ ସଭାପତି ସାଗର ବିଶ୍ୱାଳ ଗତ ୨୧ ତାରିଖରେ ଜିଲାପାଳ, ଖାଦ୍ୟ ସୁରକ୍ଷା ନିରୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଗତ ୨୬ ତାରିଖରେ ସ୍କ୍ୱାଡ୍ ଗଠନ କରାଯାଇଥିଲା। ମଙ୍ଗଳବାର ସ୍କ୍ୱାଡ୍ ପାଣିର ନମୁନା ସଂଗ୍ରହ କରି ନୋଟିସ ଜାରି କରିଥିଲେ ମଧ୍ୟ କୌଣସି ପାଣି କାରଖାନାକୁ ବନ୍ଦ କରିନାହାନ୍ତି। ଫଳରେ ପୂର୍ବବତ ପାଣି ଉତ୍ତୋଳନ ଓ ବିକ୍ରି ଚାଲିଛି। ଘଟଣା ସମ୍ପର୍କରେ ଖାଦ୍ୟ ନିରୀକ୍ଷକ ଦାସ କୁହନ୍ତି, ଆମେ ଯେଉଁ ପାଣି ନମୁନା ନେଇଛୁ ତାର ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

## କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଆଶୀର୍ବାଦ ଯାତ୍ରା




ରଘୁନାଥପୁର, ୩୦।୪(ରାଜେନ୍ଦ୍ର ନାରାୟଣ ସିଂହ)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ.ହିମାଂଶୁ ଭୂଷଣ ମଲ୍ଲିକ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତରେ ପହଞ୍ଚି ମାତୃ ଆଶୀର୍ବାଦ ଯାତ୍ରା କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଓ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଇଂ.ମଲ୍ଲିକ ଘରକୁ ଘର ବୁଲି ଜନତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଗତ ଦିନରେ ସେ ଜନତାଙ୍କ ପାଇଁ କ'ଣ କରିଛନ୍ତି ଏବଂ ଆଗାମୀ ଦିନରେ ସେ ଯଦି ବିଧାୟକ ହୁଅନ୍ତି ତାହାଲେ କ'ଣ କରିବେ ସେ ସମ୍ପର୍କରେ ଏକ ପ୍ରଚାରପତ୍ର ବାଣ୍ଟିଥିଲେ। ଏହି ଯାତ୍ରା ତାରପୁର ପଞ୍ଚାୟତ ବାଇପାସ ଛକରୁ ଆରମ୍ଭ ହୋଇ ପୁରୁଣା ବଜାରରେ ଶେଷ ହୋଇଥିଲା। ସନ୍ଧ୍ୟାରେ ଇଂ. ମଲ୍ଲିକ ବିଭିନ୍ନ ଗ୍ରାମର ବରିଷ୍ଠ ନାଗରିକ, ଯୁବ ଓ ଛାତ୍ରମାନଙ୍କୁ ଭେଟି ଅଞ୍ଚଳର ସମସ୍ୟା ଓ ନିରାକରଣ ଏବଂ ସେମାନଙ୍କ ଦୁଃଖସୁଖ ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ କଂଗ୍ରେସ ସଭାପତି ବିଷ୍ଣୁ ବିଶ୍ୱାଳ, ପ୍ରଦୀପ କୁମାର ନାୟକ, ଅଜିତ ଓଝା, ବିଜୟ କୁମାର ଦାଶ, ଜୟିରାମ ମଲ୍ଲିକ, ଦଇତାରି ମଲ୍ଲିକ, ମନୋଜ ମଲ୍ଲିକ, ବିଜନ ରାଉତ, ଅରକ୍ଷିତ ଦାସ, ଭିକାରୀ ଦାସ, ମିତୁନା ମହାରଣା, ରବୀନ୍ଦ୍ର ନାୟକ , ଅଭୟ ଦାସ ପ୍ରମୁଖ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମହିଳା ମୃତ

ରଘୁନାଥପୁର,୩୦।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା କଟକ ପାରାଦୀପ ରାଜ୍ୟ ରାଜପଥର ବର୍ତ୍ତି ପାଟେଣିଗାଁ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ତ୍ରିଲୋଚନ ସେଠୀଙ୍କ ଝିଅ ସୁଭଦ୍ରା ସେଠୀ (୩୬)। ଖବରପାଇ ତୁରନ୍ତ ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଏସ୍ଆଇ ଯୋଗେଶ୍ୱର ବେହେରା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ମାମଲା (ନଂ.୯୭/୨୪) ରୁଜୁ କରାଯାଇଛି ବୋଲି ଆଇଆଇସି ସେଠି ପ୍ରକାଶ କରିଛନ୍ତି। ସୁଭଦ୍ରା ବିବାହିତ ହୋଇଥିବାବେଳେ କୌଣସି କାରଣରୁ ନିଜ ବାପଘରେ ରହିଆସୁଥିଲେ। ଭୋର ପ୍ରାୟ ୫ଟା ସମୟରେ ରାସ୍ତାକୁ ଫୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ଏକ ଗାଡି ତାଙ୍କୁ ଚାପି ଦେଇ ଚାଲିଯାଇଥିଲା। ଫଳରେ ଦୁର୍ଘଟଣା ସ୍ଥଳରେ ହିଁ ସୁଭଦ୍ରାଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏପରି ବିଭତ୍ସ ଥିଲା ଯେ ମୃତଦେହ ଚିହ୍ନଟ ପାଇଁ କିଛି ସମୟ ପୋଲିସକୁ ଅସୁବିଧାରେ ପକାଇଥିଲା। ପରିବାର ଲୋକେ ଖବରପାଇ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସୁଭଦ୍ରାଙ୍କୁ ଚିହ୍ନଟ କରିଥିଲେ।

### ମେ'୨ରେ ପାରାଦୀପରେ ୨ ଘଣ୍ଟା ବିଦ୍ୟୁତ୍ କଟିବ

ପାରାଦୀପ, ୩୦।୪(ଶରତ ରାଉତ)

ପାରାଦୀପ ବନ୍ଦର ସହରରେ ଗୁରୁବାର ସକାଳ ୮ ଟାରୁ ୧୦ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବିଦ୍ୟୁତ ବିଭାଗ ପକ୍ଷରୁ ମଙ୍ଗଳବାର ସର୍କୁଲାର ଜାରି କରାଯାଇଛି। ଉକ୍ତ ଦିନ ରାଜ୍ୟ ସରକାରଙ୍କ ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ ପକ୍ଷରୁ ୧୩୨ କେଭି ଲାଇନ ମରାମତି ହେବ। ସେଥିପାଇଁ ସମଗ୍ର ପାରାଦୀପରେ ବିଦ୍ୟୁତ୍ ଯୋଗାଣ ବନ୍ଦ ହେବ। ସୂଚନାଯୋଗ୍ୟ ପାରାଦୀପ ବନ୍ଦର ସହରରେ ପାୱାର କଟ ପ୍ରାୟତଃ ହୁଏନାହିଁ।

### ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର,୩୦।୪(ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ବ୍ଲକ ୨୨ ମୌଜା ମହାଭୋଇ ଉନ୍ନୟନ ସମିତି ଚାଷୀଖଣ୍ଡ ପକ୍ଷରୁ ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ସୋମବାର ରାତିରେ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମିତିର ସଭାପତି ଜୟନ୍ତ ଭୋଇ ଏହି ସଭାରେ ପୌରୋହିତ୍ୟ କରିଥିଲେ। ଡ.ଭୋଇଙ୍କୁ ମହାଭୋଇ ଉନ୍ନୟନ ସମିତି ପୂର୍ଣ ସହଯୋଗ କରିବ ବୋଲି ସଭାପତି ଜୟନ୍ତ ଭୋଇ ସୂଚନା ଦେଇଥିଲେ। ବିଧାୟକ ପାର୍ଥୀ ଡ.ଭୋଇ ତାଙ୍କ ବକ୍ତବ୍ୟରେ ଏନେଇ ସମସ୍ତଙ୍କ ଆଶୀର୍ବାଦ ଓ ସହଯୋଗ ଲୋଡିଥିଲେ। ସାମାଜିକ କର୍ମୀ ଗୟାଧର ମହାନ୍ତି, ଅତୁଲ୍ୟ ନାୟକ, ଗିରିଶ ଦାସ, କୃପାସିନ୍ଧୁ ଭୋଇ, ଚନ୍ଦ୍ରଶେଖର ଦାସ, ଯୁଧିଷ୍ଠିର ବେହେରା, ଭାଗ୍ୟଧର ଭୋଇ, କାଶୀନାଥ ଭୋଇ, ଲକ୍ଷ୍ମୀଧର ଭୋଇ, ଶିବପ୍ରସାଦ ଜେନା, ମିତାଞ୍ଜଳି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

### ପୋଲିସକୁ ଗୁଳିକରି ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ

କୁଜଙ୍ଗ,୩୦।୪(ମନୋଜ ପ୍ରଧାନ)

ପୋଲିସକୁ ଗୁଳିକରି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଜଗତ୍ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପାନପଲ୍ଲି ଗ୍ରାମର ବିକ୍ରମ ପାଲ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ପାର୍ଥ ସାରଥି ପଟ୍ଟନାୟକ ଏହି ମାମଲାର ରାୟ ପ୍ରକାଶ କରି ବିକ୍ରମଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

୨୦୧୯ ଅଗଷ୍ଟ ୪ ରାତିରେ ଏହି ଘଟଣା ଘଟିଥିଲା। ତତ୍କାଳୀନ ଥାନା ଅଧିକାରୀ ଦିଲୀପ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବିଶେଷସୂତ୍ରରୁ ଖବର ମିଳିଲା ଯେ, ଏହି ଥାନା ଅନ୍ତର୍ଗତ ଘୋଡାମରା ବଉଳାଙ୍ଗ ରାସ୍ତାରେ ଜଣେ ଦୁର୍ବୃତ୍ତ ସାଧାରଣ ଲୋକଙ୍କୁ ବନ୍ଧୁକ ମୁନରେ ଧମକାଇ ଛିନତାଇ କରୁଛନ୍ତି । ଖବରପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘୋଡାମରା ବଉଳାଙ୍ଗ ରାସ୍ତାର ଏକ ପୋଲ ନିକଟରେ ଦୁଇଜଣ ଥିବା ଦେଖିଥିଲା। ପୋଲିସକୁ ଦେଖି ସେମାନଙ୍କ ମଧ୍ୟରୁ ଜଣେ ଅନ୍ଧାରରେ ଖସିଯାଇଥିବା ବେଳେ ଅନ୍ୟ ଜଣେ ଏକ ମୋଟର ସାଇକେଲରେ ବାମ ଦେଇପୁର ବାଲିତୁଠ ରାସ୍ତା ଆଡ଼କୁ ଚାଲିଯାଇଥିଲେ । ପୋଲିସ ଗାଡ଼ି ପିଛାକରି କଙ୍କରଦିଆ ରାସ୍ତାରେ ତାଙ୍କୁ ଅଟକିବାକୁ କହିଥିଲା। ମାତ୍ର ଅଭିଯୁକ୍ତ ଏହାକୁ କର୍ଣ୍ଣପାତ ନ କରି କିଛି ବାଟ ଗଲାପରେ ମୋଟରସାଇକେଲରୁ ଓହ୍ଲାଇ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ସୌଭାଗ୍ୟବଶତଃ ଗୁଳି ପାଟ୍ରୋଲିଂରେ ଥିବା ତତ୍କାଳୀନ ସବ୍ଇନିସ୍ପେକ୍ଟର ଶୁଭ୍ରଜିତ ଦାସ ଓ ଅନ୍ୟଜଣେ ଏପିଆର କନଷ୍ଟେବଳଙ୍କ ମଝିରେ ବାହାରି ଯାଇଥିଲା । ମାତ୍ର ସେମାନଙ୍କ ଦେହରେ ବାଜି ନ ଥିଲା। ଏହାପରେ ପୋଲିସ ପକ୍ଷରୁ ଦୁର୍ବୃତ୍ତଙ୍କ ଶରୀରର ନିମ୍ନଅଂଶକୁ ଲକ୍ଷ୍ୟ କରି ୫ ରାଉଣ୍ଡ ଗୁଳି ଫୁଟାଯାଇଥିଲା। ଫଳରେ ଦୁର୍ବୃତ୍ତ ସେଠାରେ ପଡ଼ିଯାଇଥିଲେ। ଏହା ପରେ ପୋଲିସ ତାଙ୍କ ପରିଚୟ ବିକ୍ରମ ପାଲ ବୋଲି ଜାଣିପାରିଥିଲା। ତାଙ୍କୁ କୁଜଙ୍ଗ ଡାକ୍ତର ଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବାପରେ ଅଭିଯୁକ୍ତ ବିକ୍ରମ ଏପର୍ଯ୍ୟନ୍ତ ବିଚାରାଧୀନ ବନ୍ଦୀଭାବେ ଜେଲ ହାଜତରେ ଥିଲା । ଅଦାଲତ ପର୍ଯ୍ୟାୟ କ୍ରମେ ୧୫ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଗତ ୨୫ ତାରିଖରେ ଚୂଡ଼ାନ୍ତ ଶୁଣାଣି କରିବା ସହ ରାୟକୁ ସଂରକ୍ଷିତ ରଖିଥିଲେ । ମଙ୍ଗଳବାର ରାୟ ପ୍ରକାଶ କରି ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୋନାଲିନ ରାଉତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଦେବାଶିଷ କଣ୍ଠ ମୋକଦ୍ଦମା ପରିଚାଳନା କରିଥିଲା । ଉକ୍ତ ମାମଲାର ଅଭିଯୋଗକାରୀ ତତ୍କାଳୀନ ଥାନା ଅଧିକାରୀ ଦିଲୀପ ସାହୁ ଥିବାବେଳେ ତଦନ୍ତକାରୀ ଅଧିକାରୀଭାବେ ତତ୍କାଳୀନ ତିର୍ତ୍ତୋଲ ଏସ୍ଡିପିଓ ଦୀପକ ଜେନା ଥିଲେ।

## ଦ୍ୱିସ୍ତରୀୟ ତଦନ୍ତ ଜାରି : ଚାଳକ ଅଟକ

### ବିନା କାଗଜପତ୍ରରେ କୋଇଲା ଗାଡ଼ି ବାହାରିବା ଘଟଣା

ପାରାଦୀପ,୩୦।୪(ଶରତ ରାଉତ)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ସୋମବାର ଏକ ୧୬ ଚକିଆ କୋଇଲା ବୋଝେଇ ଟ୍ରକକୁ ସ୍ଥାନୀୟ ଟ୍ରକ ମାଲିକସଂଘ କର୍ମକର୍ତ୍ତା ଧରିଥିଲେ। ସଂପୃକ୍ତ ଗାଡ଼ିରେ ଯାଉଥିବା କୋଇଲାର କାଗଜପତ୍ର ନ ଥିଲା। ପରେ ସଂପୃକ୍ତ ଗାଡିକୁ ପାରାଦୀପ ଆଦର୍ଶଥାନାରେ ଜିମା ଦିଆଯାଇଛି। ଏହା ଏକ ବଡ଼ ଧରଣର ଚୋରି ବୋଲି ମଙ୍ଗଳବାର ଜଣାପଡିଛି। ପୋଲିସ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତଦନ୍ତ ସମ୍ପର୍କରେ କୌଣସି ସୂଚନା ପୋଲିସ ପକ୍ଷରୁ ଦିଆଯାଇନାହିଁ। ଏହି ଘଟଣାରେ ସିଆଇଏସଫ୍ର ଭୂମିକା ସନ୍ଦେହଜନକ ଥିବାରୁ ସିଆଇଏସ୍ଏଫ୍ ମଧ୍ୟ ଅଲଗା ତଦନ୍ତ କରୁଛି ବୋଲି କମାଣ୍ଡାଣ୍ଟ ଅକ୍ଷତ ପଟେଲଙ୍କଠାରୁ ସୂଚନା ମିଳିଛି। ପୋଲିସ ତଦନ୍ତରେ ଯଦି କୌଣସି ସିଆଇଏସ୍ଏଫ୍ କର୍ମଚାରୀ ସମ୍ପୃକ୍ତ ଥିବାର ପ୍ରମାଣ ମିଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟେଲ କହିଛନ୍ତି। ଉକ୍ତ ଚୋରି ପଛରେ ଏକାଧିକ ବ୍ୟକ୍ତି, ସଂସ୍ଥା ଜଡ଼ିତ ଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ମା'ଶାରଳାଙ୍କ ଚନ୍ଦନଯାତ୍ରାରେ ବାଣ ଫୁଟିବ ନାହିଁ

ଜଗତ୍ସିଂହପୁର, ୩୦।୪ (ପ୍ରମୋଦ କୁମାର ନାୟକ)



ଜଗତ୍ସିଂହପୁର ଝଙ୍କଡ଼ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ଚନ୍ଦନଯାତ୍ରା ଉପଲକ୍ଷେ, ମନ୍ଦିର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପମ ଶାହାଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମେ' ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ଦୀର୍ଘ ୨୧ ଦିନ ବ୍ୟାପି ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ସମସ୍ତ ନୀତିକାନ୍ତି, ପଟୁଆର ଓ ଚାପଖେଳ ଆଦି ବିଧିବିଧାନ ଅନୁସାରେ କରିବାକୁ, ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା। ଗତ ଚନ୍ଦନଯାତ୍ରାରେ ବାଣଫୁଟା ସମୟରେ ବିସ୍ଫୋରଣ ଯୋଗୁ ଚଳିତ ବର୍ଷ ଆଦୌ ବାଣ ଫୁଟାଯିବନାହିଁ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଚନ୍ଦନ ଯାତ୍ରା ପାଇଁ ଜିଲା କୈବର୍ତ୍ତ ମହାସଂଘ ପକ୍ଷରୁ ଏକ ନୂତନ ଡଙ୍ଗା ସମର୍ପଣ କରାଯିବ। ମେ' ମାସ ୩୦ରେ ଲଟାଭଉଁରୀ ଚାପଖେଳ ଓ ୩୧ରେ ହଳଦୀଖେଳ କରାଯାଇ ଚନ୍ଦନ ଯାତ୍ରା ଉଦ୍ଯାପିତ ହେବ ବୋଲି ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେଏହି ପ୍ରସ୍ତୁତି ବୈଠକରେ ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର, ସାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ପରିଡ଼ା, ଅଭିମନ୍ୟୁ ନାୟକ, ସମେତ ସେବାୟତମାନେ ଉପସ୍ଥିତ ଥିଲେ।

## ୭ ଗ୍ରାମ ବ୍ରାଉନ୍ସୁଗାର ଜବତ: ମହିଳାଙ୍କ ସମେତ ୩ ଗିରଫ

କୁଜଙ୍ଗ, ୩୦।୪(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅଞ୍ଚଳରେ ପୋଲିସ ସୋମବାର ରାତିରେ ଚଢ଼ାଉ କରି ବ୍ରାଉନ୍ସୁଗାର କାରବାର ଅଭିଯୋଗରେ ଜଣେ ମହିଳା ଓ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଦ୍ୱୟ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମର ମାନସ ସ୍ୱାଇଁ, ଜଗନ୍ନାଥପୁର ଗ୍ରାମର ଅକ୍ଷୟ ନାଥ ହୋଇଥିବାବେଳେ ଅଭିଯୁକ୍ତ ମହିଳାଙ୍କ ନାମ ପୋଲିସ ପ୍ରକାଶ କରିନାହିଁ। ସେମାନଙ୍କ ପାଖରୁ ୭ ଗ୍ରାମ ବ୍ରାଉନ୍ସୁଗାର ଓ ୭୦ ହଜାର ଟଙ୍କା ଜବତ କରାଯାଇଛି। ଥାନାରେ ମାମଲା (ନଂ. ୧୯୫/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଭାଜପାରେ ସାମିଲ ହେଲେ ବିଜେଡି କର୍ମୀ



ଭାଜପାରେ ଯୋଗଦେଇଥିବା ବିଜେଡି କର୍ମୀ।

ଜଗତ୍ସିଂହପୁର, ୩୦।୪ (ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ବ୍ଲକ ଅନ୍ତର୍ଗତ ପଟ୍ଟସରା ପଞ୍ଚାୟତର ବହୁ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଜଗତ୍ସିଂହପୁର ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ଏହି ଅବସରରେ ସେମାନଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନଙ୍କ ମଧ୍ୟରେ ପଟ୍ଟସରା ପଞ୍ଚାୟତର ଅରଣା ଓ ଶାଳିଜଙ୍ଗା ଗ୍ରାମର ବିଶ୍ୱରଞ୍ଜନ ମହାନ୍ତି, ଶ୍ୟାମ ସୁନ୍ଦର ରାଉତ, ଉଲ୍ଲାସ ସ୍ୱାଇଁ, ମାୟାଧର ଦାସ, ଉମାକାନ୍ତ ସ୍ୱାଇଁ, ଶ୍ୟାମ ରାଉତ, ଅଶୋକ ମଲ୍ଲିକ, ଚନ୍ଦନ କାଣ୍ଡି, ଅମିତାଭ ମହାନ୍ତି, ରମେଶ ମଲ୍ଲିକ, ରବୀନ୍ଦ୍ର ସାହୁ ଓ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ରହିଛନ୍ତି।

## ଶିକ୍ଷକତା ଏକ ସେବା, ଭବିଷ୍ୟତ ନାଗରିକ କେବେ ଭୁଲନ୍ତି ନାହିଁ

### ୯ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆଳି,୩୦।୪( ବନମାଳୀ ସେନାପତି)

ଆଳି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଏପ୍ରିଲରେ ଅବସର ଗ୍ରହଣ କରୁଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆଳି ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ଦିଆଯାଇଛି। ସ୍ଥାନୀୟ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଇଓ ମହମ୍ମଦ ହୁମାୟୁନ, ମୁଖ୍ୟବକ୍ତା ଭାବେ ଏବିଇଓ ଉଦକର ସାମଲ, ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ମହାପାତ୍ର, ଅକ୍ଷୟ କୁମାର ଜେନା, ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ, ମେଣ୍ଟପୁର ଗ୍ରାମ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ସିଂହ, ଆଳି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ଶିକ୍ଷକତା ଏକ ସେବା, ତେଣୁ ଏଭଳି ସେବାକୁ ଦେଶର ଭବିଷ୍ୟତ ନାଗରିକ କେବେ ଭୁଲି ପାରନ୍ତି ନାହିଁ। ଏହି ଅବସରରେ ଅବସର ଗ୍ରହଣ କରୁଥିବା ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ମହାନ୍ତି, ଆର୍ଏନ୍ଜିପି ହାଇସ୍କୁଲର ସହକାରୀ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ, ଦେସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ତ୍ରିପାଠୀ, ରାଧାନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ନନ୍ଦ, ସହଦେବ ନୋଡାଲ ସ୍କୁଲ ସହକାରୀ ଶିକ୍ଷକ ନାରାୟଣ ପାତ୍ର, ପନ୍ଦରଶିଳା ହାଇସ୍କୁଲର କିରାଣି ସରୋଜକାନ୍ତ ମହାପାତ୍ର, ନୂଆପଡ଼ା ପଞ୍ଚାୟତ ହାଇସ୍କୁଲର ଶିକ୍ଷା କର୍ମଚାରୀ ଅଶୋକ କୁମାର ସାହୁ, ବାଳକାଟୀ ପଞ୍ଚାୟତ ହାଇସ୍କୁଲର ଶିକ୍ଷା କର୍ମଚାରୀ ଦୀନବନ୍ଧୁ ମହାଳିକ ଓ ଆରଏନ୍ଜିପି ହାଇସ୍କୁଲର ଶିକ୍ଷା କର୍ମଚାରୀ ଭୀଷ୍ମ ଷଡ଼ଙ୍ଗୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୁରେନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥିଲେ। ପଦ୍ମଲୋଚନ ଲୋଚନ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୁରୁ- ଶିଷ୍ୟ ପରମ୍ପରା ଆମ ସଂସ୍କୃତିର ଅନନ୍ୟ ପରିଚୟ

କୁଜଙ୍ଗ,୩୦।୪(ମନୋଜ ପ୍ରଧାନ)



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପ୍ରାଚୀନ କାଳରେ ଗୁରୁକୂଳ ଆଶ୍ରମରେ ରହି ପିଲାମାନେ ବିଭିନ୍ନ ପ୍ରକାରର ଶିକ୍ଷା ଗ୍ରହଣ କରୁଥିଲେ। ଗୁରୁଙ୍କୁ ଶିଷ୍ୟ ମୁଣ୍ଡନୁଆଁଇ ପ୍ରଣାମ କରୁଥିଲେ । ଉଭୟଙ୍କ ମଧ୍ୟରେ ଯେଉଁ ଭକ୍ତି , ସ୍ନେହ, ଶ୍ରଦ୍ଧା ଥିଲା ତାହା ଆମ ପରମ୍ପରା ଓ ସଂସ୍କୃତିର ଏକ ଅନନ୍ୟ ପରିଚୟ ଥିଲା ବୋଲି ମଙ୍ଗଳବାର କୁଜଙ୍ଗ ଅନ୍ତର୍ଗତ କରତୁଠାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବିଂଶତମ ପ୍ରତିଷ୍ଠା ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଡ.କେଶବ ଚନ୍ଦ୍ର ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ପବିତ୍ର ମୋହନ କର ଓ ମୁଖ୍ୟ ବକ୍ତାଭାବେ ଡା. ଦେବଦତ୍ତ ସାମନ୍ତରାୟ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ ଗୁରୁଶିଷ୍ୟର ପରମ୍ପରା ବର୍ତ୍ତମାନ ସମୟରେ ବିଲୁପ୍ତ ପ୍ରାୟ ବୋଲି କହିଥିଲେ। ଏହା ଦ୍ୱାରା ପ୍ରକୃତ ଶିକ୍ଷାର ଅବକ୍ଷୟ ଘଟିବା ସହ ଛାତ୍ରୀଛାତ୍ର ବିପଥଗାମୀ ହେଉଛନ୍ତି। ଗୁରୁ ଶିଷ୍ୟର ପରମ୍ପରାକୁ ବଞ୍ଚାଇ ରଖିବାକୁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ ହୋଇପଡିଛି । ଏଥିପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ଶିକ୍ଷାର ଅବକ୍ଷୟ ହେବା ସମୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଗୁରୁକୂଳ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏଠାରେ ଅଧ୍ୟୟନ ରତ ଛାତ୍ରୀଛାତ୍ରଙ୍କୁ ପ୍ରାଚୀନ ସଂସ୍କୃତି, ପରମ୍ପରା, ଆଧାତ୍ମିକ ଚେତନା, ମାତା ପିତା ଓ ଗୁରୁଜନଙ୍କ ପ୍ରତି କିପରି ଭକ୍ତିଭାବ ରହିବ ଆବଶ୍ୟକ ସେସମ୍ପର୍କରେ ଶିକ୍ଷା ଦେଉଛି ବୋଲି କହି ଶିକ୍ଷାଅଧିକାରୀ କର ଧନ୍ୟବାଦ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପିତାମ୍ବର ତରାଇ, ସୁବାସ ସେନାପତି, ପ୍ରଫୁଲ୍ଲ କୁମାର ନାଥ, ଶତ୍ରୁଘ୍ନ ପ୍ରଧାନ, ପ୍ରଭାତି ମାଛି ଓ ବିଦ୍ୟାଳୟର ସମ୍ପାଦକ କୈଳାଶ ଚନ୍ଦ୍ର ଲେଙ୍କା ଯୋଗଦେଇଥିଲେ। ଅଧକ୍ଷା ମନମୋହିନୀ ପତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା । ଉତ୍କଳୀୟ ପରମ୍ପରା ଓ ଜଗନ୍ନାଥ ସଂସ୍କୃତିରେ ଥିବା ବାରମାସରେ ତେର ପର୍ବକୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ସଂଗୀତ ସବୁଠାରୁ ହୃଦୟ ସ୍ପର୍ଶୀ ହୋଇଥିଲା।

## ସଂକ୍ଷେପରେ

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

ଧରାକୋଟ,୩୦।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ଗ୍ରାମର ଭାଲୁ ସାହୁ (୭୦)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି। ଭାଲୁ ମଙ୍ଗଳବାର ମଧ୍ୟାହ୍ନରେ ନିକଟସ୍ଥ ରଷିକୁଲ୍ୟା ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଟଳି ପଡ଼ିଥିଲେ। ସ୍ନାନ ପାଇଁ ଯାଇଥିବା ଗ୍ରାମର କେତେଜଣ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଭାଲୁଙ୍କୁ ନିକଟସ୍ଥ ଧରାକୋଟ ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅତ୍ୟଧିକ ଖରା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

### ପଣିବନ୍ଧରେ ନାମଯଜ୍ଞ

ଧରାକୋଟ,୩୦।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଖାଡ଼ବନ୍ଧ ପଞ୍ଚାୟତ ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ମଣ୍ଡପରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଆସିଥିବା ପବିତ୍ର ଜଳ ସ୍ଥାପନ ପରେ ନାମଯଜ୍ଞ ଶୁଭାରମ୍ଭ ହୋଇଥିଲା। ଧରାକୋଟ ରାଜମାତା ନନ୍ଦିନୀ ଦେବୀ, ଜିଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିପିନ ବିହାରୀ ସ୍ୱାଇଁ, ବିଜେଡି ନେତା ରବୀନ୍ଦ୍ର ଘୋଷ ପ୍ରମୁଖ ନାମଯଜ୍ଞରେ ଯୋଗ ଦେଇଥିଲେ। ଅଷ୍ଟମ ପ୍ରହର ଶେଷରେ ପୂର୍ଣ୍ଣାହୁତି ହୋଇଥିଲା। ଗହଙ୍ଗୁ ମଠାଧିଶ ନାମଯଜ୍ଞ ପରିଚାଳନା କରିଥିଲେ। ଗ୍ରାମର ବନମାଳୀ ମହାରଣା,ମିଟୁ ଗୌଡ଼,ସମୀର ଜେନା,ସଞ୍ଜୀବ ପଣ୍ଡା,ଯୋଗେନ୍ଦ୍ର ଗୌଡ଼ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

### କାର୍ ସହ ୩୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦାରିଙ୍ଗବାଡ଼ି,୩୦।୪(ଅରୁଣ ସାହୁ)

ଦାରିଙ୍ଗବାଡ଼ି ପୋଲିସ ମଙ୍ଗଳବାର ହିଲ୍‌ଭ୍ୟୁ ଘାଟିରେ ଏକ କାର୍ ସହ ୩୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜଣକୁ ଗିରଫ କରାଯାଇଛି। ସେ ହେଲେ ଗେଲେ ଓରଫ ମଣ୍ଟୁଲାଲ ଦିଗାଲ। ବାଲିଗୁଡ଼ା ଥାନା ଦାରିଙ୍ଗବାଡ଼ି ବ୍ଲକ ଡିଲୋରୀ ପଞ୍ଚାୟତ ଜଗେରମାହା ଗ୍ରାମରୁ ଏକ କାର୍ (ଓଡି ୦୫ଏଭି ୮୬୮୧)ରେ ଗଞ୍ଜେଇ ଭର୍ତ୍ତି ହୋଇ ଯାଉଥିଲା। ଖବର ପାଇ ଦାରିଙ୍ଗବାଡ଼ି ପୋଲିସ ଉକ୍ତ କାର୍‌କୁ ଘାଟିରେ ଧରିଥିଲା।

### ଅତିରିକ୍ତ ତହସିଲଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୦।୪(ଅଶେଷ ନାଥ ମିଶ୍ର)–ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ମୂରଲୀଧର ଦଳାଇଙ୍କ ସଂଯୋଜନାରେ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ତହସିଲଦାର ଅନିତା କୁମାରୀ ସାହୁ ଏବଂ ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଅତିରିକ୍ତ ତହସିଲଦାର ଓ ଡାଟା ଏଣ୍ଟ୍ରି ଅପରେଟର କୈଳାସ ଚନ୍ଦ୍ର ଗୌଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାଜସ୍ୱ ସୁପ୍ରଭାଇଜର ବାବୁ ସେଠୀ, ତିଲୋତ୍ତମା ଦୋରା, ବିଭାଗୀୟ କର୍ମଚାରୀ ଗୀତାଞ୍ଜଳି ପଟ୍ଟନାୟକ, ସୁଙ୍କାନି ଦଳାଇ, ପ୍ରମିଳା ଶବର, ଅନୁସୂୟା ବେହେରା, ଅରୁଣ ମଲିକ, ଉପେନ୍ଦ୍ର ବେହେରା, ସନାତନ ରଣା ଉପସ୍ଥିତ ଥିଲେ।

# ସୋସିଆଲ ମିଡିଆରେ ପ୍ରଚାରକୁ ଗୁରୁତ୍ୱ

ବ୍ରହ୍ମପୁର,୩୦।୪(ଅଶୋକ କୁମାର ସାହୁ):

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମେ ୧୩ ତାରିଖରେ ହେବ। ଏଥିପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ବାତାବରଣ ଉଷ୍ମ ହୋଇପଡିଛି। ଚଳିତ ନିର୍ବାଚନରେ ସୋସିଆଲ ମିଡିଆ ତଥା ଡିଜିଟାଲ ପ୍ଲାଟଫର୍ମ ଉପରେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଛନ୍ତି। ଫେସ୍‌ବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ ଆଦି ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସୁଛି ନିର୍ବାଚନୀ ହାୱା। ବିରୋଧାଭାସଠାରୁ ଆରମ୍ଭ କରି ପ୍ରଚାର, ମିଶ୍ରଣ ପର୍ବ ଏବଂ ଭୋଟର କାହାକୁ ଭୋଟ ଦେବେ, କେଉଁ ଦଳର ପ୍ରଭାବ ରହିଛି ତାହା ଦେଖିବାକୁ ମିଳୁଛି।

ଚଳିତ ନିର୍ବାଚନରେ ଡିଜିଟାଲ ପ୍ଲାଟଫର୍ମ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସାର ପାଇଁ ଭଲ ମାଧ୍ୟମ ହୋଇଛି। ଏହା ଉପରେ ନେତାମାନେ ଭରସା କରି ଲୋକସମର୍ଥନ ଯୋଗାଡ କରିବାରେ ବ୍ୟସ୍ତ ରହୁଛନ୍ତି। କାର୍ଯ୍ୟକ୍ରମଗୁଡ଼ିକୁ ଡିଜିଟାଲ ପ୍ଲାଟଫର୍ମରେ ଛାଡ଼ିବା ପାଇଁ ଲାଇନ ଲାଗୁଛି। ଯୁବବର୍ଗ ଡିଜିଟାଲ ପ୍ଲାଟଫର୍ମରେ ଅଭ୍ୟସ୍ତ ହୋଇଥିବାବେଳେ ସେମାନଙ୍କୁ ସବୁ ଦଳ ଆକୃଷ୍ଟ କରିବାକୁ ପ୍ରୟାସ କରୁଛନ୍ତି। ଏପରକି ବିଭିନ୍ନ ଦଳ ପକ୍ଷରୁ ଫୋନ କଲ ବି ଆସୁଛି। ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଭୋଟଭିକ୍ଷା କରୁଛନ୍ତି। ଯେ କୌଣସି କାର୍ଯ୍ୟକ୍ରମ ଦେଖିଲେ ସେଥିରେ ଦଳୀୟ ବିଜ୍ଞାପନଗୁଡିକ ଆସୁଛି। ନିର୍ବାଚନ ମଇଦାନରେ କାହାର କେତେ ଦମ ଅଛି ସେଥିରେ ଦର୍ଶାଯାଉଛି। ଯୁବପିଢ଼ିଙ୍କୁ ଆଲୋଚନାର ଖୋରାକ ଯୋଗାଇବା ପାଇଁ ଏହା ଏକ ମାଧ୍ୟମ ପାଲଟିଛି। ଏ ସଂକ୍ରାନ୍ତରେ ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ କହିଛନ୍ତି, ଚଳିତ ନିର୍ବାଚନରେ ଡିଜିଟାଲକରଣକୁ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳୁଛି। ସୋସିଆଲ ମିଡିଆରେ ଲୋକଙ୍କ ନିକଟତର ହେବା ସହଜ ହୋଇଯାଇଛି। ତେଣୁ ବିଭିନ୍ନ ଦଳ ଓ ନେତା ଏହାକୁ ବାଛି ନେଉଛନ୍ତି। ଫେସବୁକ, ୟୁଟ୍ୟୁବ ଚ୍ୟାନେଲ, ଟ୍ୱିଟର ଆକାଉଣ୍ଟ ଭଳି ଡିଜିଟାଲ ପ୍ଲାଟଫର୍ମରେ ଲୋକଙ୍କ ନିକଟତର ହେବା ଅତି ସହଜ। ପ୍ରତ୍ୟେକ ଦଳ ଓ ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ର ଡିଜିଟାଲ ସେଲ ବି ରହିଛି। ଯେଉଁ ଛୋଟ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କ ଏହି ସେଲ ନ ଥିଲେ ବି ଏଥିରେ ସେମାନେ ନିଜକୁ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି। ନିଜ ପ୍ରଚାର ସହିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଦାରେ ପକାଇବା ପାଇଁ ଏହାକୁ ବ୍ୟବହାର କରାଯାଉଛି। ଡିଜିଟାଲକରଣ ନିର୍ବାଚନରେ ଗୁରୁତ୍ୱ ରଖୁଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଷଡ଼ଙ୍ଗୀ କହିଥିଲେ। ଭାଜପା ନେତା କାହ୍ନୁ ଚରଣ ପତି କହିଛନ୍ତି, ସୋସିଆଲ ମିଡିଆରେ ଲୋକଙ୍କ ନିକଟତର ହେବା ସହଜ ହେଉଥିବାରୁ ଡିଜିଟାଲକରଣ ନିର୍ବାଚନରେ ଗୁରୁତ୍ୱ ରଖୁଛି। ତେଣୁ ସମସ୍ତ ଦଳ, ନେତା ଓ ପ୍ରାର୍ଥୀମାନେ ତାହାକୁ ଆପଣଉଛନ୍ତି ବୋଲି କହିଥିଲେ। ସେହିପରି ସବୁ ନିର୍ବାଚନୀ ଖବର ଏବେ ମୋବାଇଲ ଫୋନରେ ଆସିଯାଉଛି ବୋଲି ଗୋଷାଣୀ ନୂଆଗାଁ ଅଞ୍ଚଳର ଯୁବ ଭୋଟର ବସନ୍ତ ସାହୁ କହିଛନ୍ତି।

## ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ନାମାଙ୍କନ ପତ୍ର ଦାଖଲ



ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ବୁଗୁଡା,୩୦।୪(କାଳିଚରଣ ଦାଶ)

ଆସନ୍ତା ମେ ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ମଙ୍ଗଳବାର ପୋଲସରା ନିର୍ବାଚନ ମଣ୍ଡଳୀ ପାଇଁ ତୃତୀୟ ଥର ପାଇଁ ମନୋନୀତ ହୋଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଛତ୍ରପୁର କଲେଜ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ଣ୍ଣି ଅଫିସର ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉକ୍ତ ଶୋଭାଯାତ୍ରାରେ ବୁଗୁଡା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏନ୍‌ଏସି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ପୋଲସରା ନିର୍ବାଚନ ମଣ୍ଡଳୀର ହଜାର ହଜାର କର୍ମୀ ଓ ଜନପ୍ରତିନିଧି ସାମିଲ ହୋଇଥିଲେ।

## ଜି. ଉଦୟଗିରି କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲଙ୍କ ପ୍ରାର୍ଥିପତ୍ର ଦାଖଲ



ପ୍ରଫୁଲ୍ଲଙ୍କ ସହ କଂଗ୍ରେସ କାର୍ଯ୍ୟକର୍ତ୍ତା।

ଫୁଲବାଣୀ,୩୦।୪(ରାକେଶ କୁମାର ରାଉତ)

ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଜି.ଉଦୟଗିରି ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ପ୍ରଧାନ ସମର୍ଥକଙ୍କ ସହ ଆସି ବାଲିଗୁଡ଼ା ଆଇଟିଡିଏ ପରିସରରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ହନୁମାନ ମନ୍ଦିରଠାରୁ ହଜାର ହଜାର ସମର୍ଥକଙ୍କ ସହ ପ୍ରଫୁଲ୍ଲ ଏକ ବିରାଟ ପଟୁଆରରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜି.ଉଦୟଗିରି ପାଇଁ ଅଧିକୃତ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ତାଙ୍କ ପ୍ରାର୍ଥିପତ୍ର ଗ୍ରହଣ କରିଥିଲେ। ପ୍ରଫୁଲ୍ଲଙ୍କ ନାମାଙ୍କନ ଦାଖଲରେ ଜି.ଉଦୟଗିରି ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଦାରିଙ୍ଗବାଡ଼ି, ଟିକାବାଲି, ରାଇକିଆ ଓ ଜି.ଉଦୟଗିରି ବ୍ଲକ୍‌ରୁ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗଦେଇଥିଲେ। ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଚାର କମିଟି ଅଧ୍ୟକ୍ଷ ହେମନ୍ତ କର, ଯୁବକଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ସାଧାରଣ ସମ୍ପାଦକ ନନ୍ଦକିଶୋର ଦାଶ, ମିଡିଆ ସେଲ୍ ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀ, ବରିଷ୍ଠ ନେତା ରଜତ ମହାନ୍ତି, ଜିଲା ପରିଷଦ ସଦସ୍ୟ ସତ୍ୟବାନ ପାତ୍ର, ଦୀପିକା ମୁଠାମାଝି, ସାଧାରଣ ସମ୍ପାଦିକା ସିମଲାରାଣୀ ପତ୍ରା, ବିଭିନ୍ନ ବ୍ଲକ କଂଗ୍ରେସ ସଭାପତି ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ନିଜ ପ୍ରତିକ୍ରିୟା ରଖି ପ୍ରାର୍ଥୀ ପ୍ରଫୁଲ୍ଲ କହିଛନ୍ତି ,ବର୍ତ୍ତମାନ ସବୁଆଡେ କଂଗ୍ରେସର ଅଣ୍ଡର କରେଣ୍ଟ ଚାଲିଛି। ଜି.ଉଦୟଗିରି ଆସନକୁ ଦଳ ପୁଣି ଥରେ ନିଜ ଅକ୍ତିଆରକୁ ଆଣିବ।

### ସ୍କର୍ପିଓ ଦୁର୍ଘଟଣାରେ ୨ ମୃତ

ଫୁଲବାଣୀ,୩୦।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ରାଇକିଆ ଉପକଣ୍ଠ କତକନ୍ଦିଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ସ୍କର୍ପିଓ ଗାଡ଼ି ଦୁର୍ଘଟଣା ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଜଣେ ୨ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ସୁବାସ ସିଂ ନଳିନୀ ନାୟକ।ମୃତ ସୁବାସ ସିଂ ଜଣେ ଅବସପ୍ରାପ୍ତ ଓଏସ ଅଫିସର ହୋଇଥିବା ବେଳେ ନଳିନୀ ପ୍ରାଥମିକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ବିଶାଖାପାଟଣାରେ ପଢୁଥିବା ଝିଅକୁ ବ୍ରହ୍ମପୁରରେ ଟ୍ରେନ୍‌ରେ ବସାଇବା ପରେ ଉଭୟ ସ୍କର୍ପିଓରେ ରାଇକିଆ ଫେରୁଥିଲେ। ରାଇକିଆ ପହଞ୍ଚିବା ପାଇଁ ଦୁଇ କିଲୋମିଟର ବାକି ଥିବା ବେଳେ ରାସ୍ତା କଡ଼ରେ ଥିବା ଏକ ଗଛକୁ ସ୍କର୍ପିଓ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ରାଇକିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ରାଇକିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଫୁଲବାଣୀ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏ ନେଇ ରାଇକିଆ ଥାନାରେ ନଂ.୫୯/୨୪ରେ ମାମଲା ରୁଜୁ ହେବା ସହ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରିଛି।

## ସୁକାନ୍ତ, ଉମାଚରଣଙ୍କ ନାମାଙ୍କନ ଦାଖଲ



ଫୁଲବାଣୀ,୩୦।୪(ରାକେଶ କୁମାର ରାଉତ)

କନ୍ଧମାଳ ଭାଜପା ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଏବଂ ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଉମାଚରଣ ମଲିକ ନିଜ ସମର୍ଥକଙ୍କ ସହ ଆସି ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏମ୍‌ପି ପ୍ରାର୍ଥୀ ସୁକାନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦେଇଥିବା ବେଳେ ବିଧାୟକ ପ୍ରାର୍ଥୀ ଉମାଚରଣ ଫୁଲବାଣୀ ଉପଜିଲାପାଳଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉଭୟ ପ୍ରାର୍ଥୀ ହଜାର ହଜାର ସମର୍ଥକଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ଆସି ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ସଭାପତି ଲିଙ୍ଗରାଜ ଦଳବେହେରା, ବରିଷ୍ଠ ନେତା ଭଗବାନ ମହାନ୍ତି, ଅନନ୍ତ ଦିଗାଲ, ବିଭିନ୍ନ ବ୍ଲକ୍ ସଭାପତି, କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ବିଧାନସଭା ପାଇଁ ଟିକେଟ ଦେଇନି ବିଜେଡି

ପୁରୁଷୋତ୍ତମପୁର,୩୦।୪(ସୀମାଞ୍ଚଳ ମିଶ୍ର)

- ପ୍ରାର୍ଥିପତ୍ର ଦାଖଲକୁ ୩ ଦିନ ବାକି
- ଟିକେଟ ବିଳମ୍ବ ଯୋଗୁ କର୍ମୀଙ୍କ ମଧରେ ଅସନ୍ତୋଷ

ଓଡ଼ିଶାରେ ମେ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ଖଲ୍ଲିକୋଟ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନ ପ୍ରକ୍ରିୟାର ଶେଷହେବାକୁ ଆଉ ମାତ୍ର ୩ ଦିନ ବାକି ରହିଛି। ଏହି ପରିପ୍ରେକ୍ଷୀରେ ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୋମବାର ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଚିତ୍ରସେନ ବେହେରା ମଧ୍ୟ ମଙ୍ଗଳବାର ନାମାଙ୍କନ ଦାଖଲ କରିଛନ୍ତି। ଶାସକ ବିଜେଡି ପ୍ରାର୍ଥୀ ଘୋଷଣା କରି ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ନାମକୁ ରିପିଟ କରିଛି। ମାତ୍ର ଦଳ ଗଞ୍ଜାମ ଜିଲାର ସମସ୍ତ ପ୍ରାର୍ଥୀଙ୍କୁ ନାମାଙ୍କନ ଲାଗି ଟିକେଟ ଦେଇସାରିଥିବା ବେଳେ ସୂର୍ଯ୍ୟମଣିଙ୍କୁ ଏଯାବତ୍ ଟିକେଟ ଦେଇନାହିଁ। ଏଠାରେ ଦଳୀୟ ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ ବିଜେଡି କାହାକୁ ପ୍ରାର୍ଥୀ କରିବ ସେଥିନେଇ ଚିନ୍ତାରେ ପଡ଼ିଯାଇଛି। ସୂର୍ଯ୍ୟମଣିଙ୍କୁ ଟିକେଟ ଦେବ ନା ଲବିରେ ରହିଥିବା ଅନ୍ୟ କେତେଜଣ ନେତାଙ୍କ ମଧ୍ୟରୁ ନୂଆ ମୁହଁ କାହାକୁ ଦେବ ଏ ନେଇ ଏଠାରେ ସସ୍‌ପେନ୍ସ ଲାଗି ରହିଛି। ଦଳର ଏଭଳି ସ୍ଥିତିରେ ଟିକେଟ ବିଳମ୍ବ ଯେତିକି ହେଉଛି କର୍ମୀଙ୍କ ମହଲରେ ସେତିକି ଅସନ୍ତୋଷ ବଢ଼ି ଚାଲିଛି। ଏପରିକି ଏହି ବିଳମ୍ବରେ ହତୋତ୍ସାହିତ ହୋଇ କର୍ମୀମାନେ ଦଳ ଛାଡ଼ିବାରେ ଲାଗିଛନ୍ତି। ବିଜେଡିର ଏଭଳି ସ୍ଥିତିକୁ ନେଇ ଭାଜପା ଫାଇଦା ଉଠାଇବାରେ ଲାଗିଛି। ଭାଜପା ସ୍ଥିତିକୁ ଦିନକୁ ଦିନ ସୁଦୃଢ଼ କରି ଜୋର୍‌ସୋର ପ୍ରଚାର ସହ ଜନସମ୍ପର୍କରେ ଲାଗିପଡ଼ିଛି। ଏଭଳି ଟିକେଟ ବିଳମ୍ବ ବିଜୁ ଜନତା ଦଳ ଲାଗି ନିଶ୍ଚିତ ଭାବରେ କାଳ ହେବ ବୋଲି କେତେଜଣ ଦଳୀୟ ବରିଷ୍ଠ ନେତା କହିଛନ୍ତି।

### ସ୍କୁଟି ଓ ବାଇକ୍‌କୁ ଧକ୍କାଦେଲା ବୋଲେରୋ: ଜଣେ ମୃତ

ଖଲ୍ଲିକୋଟ,୩୦।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗ୍ରାମରେ ମଙ୍ଗଳବାର ଏକ ବୋଲେରୋ ସ୍କୁଟି ଓ ବାଇକକୁ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଦଳା ଥାନା ଇ.ବେଲପଡ଼ା ଗ୍ରାମର ଆଲୋକ ମଲିକ। ଆସିକାରୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ଏକ ବୋଲେରୋ (ନଂ ଓଡି ୦୭ ଇ ୧୬୩୩) ହଠାତ ମଥୁରା ଗ୍ରାମଠାରେ ଗୋଟିଏ ସ୍କୁଟି ଓ ବାଇକକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଓ ବାଇକରେ ଥିବା ୫ ଜଣ ଗୁରୁତର ଆହତ ହୋଇଥିଲେ। ତେବେ ସେହି ରାସ୍ତା ଦେଇ ଦଳୀୟ ପ୍ରଚାର ପାଇଁ ଯାଉଥିବା ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଶମ୍ଭୁ ପ୍ରଧାନଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତାମାନେ ଦୁର୍ଘଟଣା ଦେଖି ସେଠାରେ ଅଟକି ଯାଇଥିଲେ। ଗୁରୁତରମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## କାଳବୈଶାଖୀରେ ପଡ଼ିଥିବା ଗଛ ହଟାଗଲା



ଧରାକୋଟ,୩୦।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଶେରଗଡ଼ ବଡ଼ଗଡ଼ ରାସ୍ତାର ଓଡ୍ରାଠାରୁ ବଳରାମପୁର ମଝି ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା କାଳ ବୈଶାଖୀରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ପଡ଼ିଥିଲା। ଏଥିଯୋଗୁ ଦୀର୍ଘ ସମୟ ଧରି ଉକ୍ତ ରାସ୍ତା ଅବରୋଧ ହୋଇ ରହିଥିଲା। ଗାଁ ଲୋକଙ୍କଠାରୁ ଖବର ପାଇ ଧରାକୋଟ ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ବିରାଟକାୟ ଗଛକୁ କାଟି ସଫା କରିଥିଲେ। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦମକଳ ବାହିନି ତରଫରୁ ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ, ଯୁଗଳ ଦିଗାଲ, ଦୁଷ୍ମନ୍ତ ପ୍ରଧାନ, କାଳନ୍ଦୀ ପାଣ୍ଡିଆ ଓ ଗୋପୀନାଥ ନାୟକ ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

## ଭାଜପାରେ ମିଶିଲେ ଶତାଧିକ ମହିଳା, ପୁରୁଷ

ବୁଗୁଡ଼ା,୩୦।୪(କାଳିଚରଣ ଦାଶ)



ଭାଜପାର ମିଶ୍ରଣ ପର୍ବ।

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ପୋଲସରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବମାନ ଆୟୋଜନ କରି ଦଳ ଶକ୍ତିଶାଳୀ ହୋଇଉଠୁଥିବା ବେଳେ ମଙ୍ଗଳବାର ପୁଣି ଏକ ମିଶ୍ରଣ ପର୍ବ ବୁଗୁଡା ବ୍ଲକ ବାଲିପଦର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ ସେଠାକାର ନେତା ମହେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବାଲିପଦର ପଞ୍ଚାୟତର ଶହ ଶହ ମହିଳା ଓ ପୁରୁଷ ଭାଜପାରେ ସାମିଲ୍ ହୋଇଥିଲେ। ଘୁମୁସର ସାଂଗଠନିକ ଜିଲା ସଭାପତି ତଥା ପୋଲସରା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଜିଲା ଉପ ସଭାପତି ପ୍ରଭାକର ପଣ୍ଡା ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ବୁଗୁଡ଼ା ବ୍ଲକ ସଂଯୋଜକ ହରେକୃଷ୍ଣ ସାହୁ, ବରିଷ୍ଠ ନେତା ରବୀନ୍ଦ୍ର ପରିଡ଼ା, ସନ୍ତୋଷ କୁମାର ଭୋଳ ଓ ସଞ୍ଜୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ସକ୍ରିୟ କର୍ମୀ ଓ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

## ଧରାକୋଟ ଅଞ୍ଚଳରେ ଅସହ୍ୟ ଗୁଲୁଗୁଳି

ଧରାକୋଟ,୩୦।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟରେ ମଙ୍ଗଳବାର ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସକାଳ ୯ଟାରୁ ଖରାର ପ୍ରକୋପ ବୃଦ୍ଧି ପାଇ ମଧ୍ୟାହ୍ନ ବେଳକୁ ପାରଦ ୪୨ ଡିଗ୍ରୀ ଛୁଇଁଥିଲା। ବଜାର ରାସ୍ତାଘାଟ ସବୁ ଶୂନସାନ ହୋଇଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ସରକାରୀ କାର୍ଯ୍ୟାଳୟଗୁଡିକରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଠିକ ଭାବେ କାମ କରି ନ ଥିଲା। ଖରାର ପ୍ରକୋପ ବୃଦ୍ଧି ପାଉ ଥିବାରୁ ଧରାକୋଟ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ହେଲାଣି। କୂଅ, ପୋଖରୀ, ବନ୍ଧ,ଗାଡିଆ ଆଦି ଶୁଖିଲା ପଡିଛି। ତେଣୁ ପଞ୍ଚାୟତ ଓ ପଞ୍ଚାୟତ ସମିତି ତରଫରୁ ଗାଁ ଛକ ବଜାର ରାସ୍ତା ଘାଟରେ ପର୍ଯ୍ୟାପ୍ତ ଜଳଛତ୍ର ଖୋଲିବା ପାଇଁ ଦାବି ହେଉଛି।

## ରମ୍ଭା ଫୁଟ୍‌ବଲ କ୍ଲବ୍ ତରଫରୁ ଚିଲିକା ଜେଟି ସଫେଇ

ରମ୍ଭା,୩୦।୪(ବନବାସୀ ସେଠୀ)



ସ୍ଥାନୀୟ ପାନ୍ଥନିବାସ ଚିଲିକା ଜେଟିକୁ ରମ୍ଭା ଫୁଟବଲ କ୍ଲବର ଅଧ୍ୟକ୍ଷ ଦେବାଶିଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ସୁମା ଦାସ ଏବଂ ଆଶିଷ କୁମାର ବେହେରା ଯୋଗଦାନ କରିଥିଲେ। ରମ୍ଭା ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଏଠାକୁ ଗାଁ ଠୁ ସହର ଏବଂ ଅନ୍ତଃରାଷ୍ଟ୍ରରୁ ପର୍ଯ୍ୟଟକମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଆସନ୍ତି। କିଛି ପର୍ଯ୍ୟଟକ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପଲିଥିନ ଦ୍ୱାରା ବ୍ୟବହାର କରି ଡଷ୍ଟବିନରେ ନ ପକାଇ ବାହାରେ ଫିଙ୍ଗିଦେଇ ଚାଲିଯାଆନ୍ତି। ସେଥିପାଇଁ ରମ୍ଭା ଫୁଟବଲ କ୍ଲବର ସଦସ୍ୟମାନେ ମଙ୍ଗଳବାର ଚିଲିକା ଜେଟିକୁ ସଫେଇ କରିବା ସଙ୍ଗେ ସଙ୍ଗେ ପର୍ଯ୍ୟଟକ ଏବଂ ପାର୍ଶ୍ୱରେ ଥିବା ଛୋଟ ଛୋଟ ଦୋକାନୀମାନଙ୍କୁ ଅନୁରୋଧ ପୂର୍ବକ ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧନୁର୍ଦ୍ଧର ବେହେରା, ଅଧିନାୟକ ପ୍ରେମକୁମାର, ଦୀପକ କୁମାର ଗୌଡ଼, ଉପ– ଅଧିନାୟକ ସମିତ କୁମାର ନାୟକ, ସରୋଜ କୁମାର ନାୟକ, ଶଙ୍କର ସାହୁ, ବାବୁ, କ୍ରିଷ୍ଣା, ଆଶିଷ, ଭୀମ ରେଡ୍ଡୀ, ବାପୁଜୀ ରାଓ, ବାବୁ, ସୁଶାନ୍ତ କୁମାର ବାରିକ ଓ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ। ସମସ୍ତେ ଅଳିଆକୁ ସଫା କରି ରମ୍ଭା ଏନଏସି ଗାଡ଼ିରେ ଦେଇଥିଲେ।

## କୁରୁମିପୁରରେ ପାନୀୟ ଜଳ ସଂକଟ

ଖଲ୍ଲିକୋଟ,୩୦।୪(ପ୍ରଶାନ୍ତ କୁମାର ମିଶ୍ର)



ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ବାଦପଲ୍ଲୀ ପଞ୍ଚାୟତର କୁରୁମିପୁର ଗ୍ରାମରେ ଦୀର୍ଘ ୩ ବର୍ଷ ହେଲା ପାନୀୟ ଜଳ ସଙ୍କଟ ଲାଗି ରହିଛି। ଏହାକୁ ବ୍ଲ କ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗରେ କୁରୁମିପୁର ଗ୍ରାମର ମହିଳାମାନେ ମଙ୍ଗଳବାର ରାସ୍ତାରେ ଗରା, ମାଠିଆ, ବାଲଟି ରଖି ପ୍ରତିବାଦ କରିଥିଲେ। ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଏପଟେ ଜଳ ସଙ୍କଟ କଷ୍ଟ ଗ୍ରାମବାସୀଙ୍କୁ ଅସହ୍ୟ କରିପକାଇଛି। ଗ୍ରାମରେ ଥିବା ନଳକୂପ ଗୁଡିକ ଅଚଳ ହୋଇପଡ଼ିଛି। କୂଅ, ପୋଖରୀ ସବୁ ଶୁଖିଲା ପଡ଼ିଛି। ପୋଖରୀରେ ଯାହା କିଛି ପାଣି ଅଛି, ତାକୁ ସଂଗ୍ରହ କରି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ଗ୍ରାମରେ ଥିବା ଏକ କୂଅରେ ପାଣି ନ ଥିବାରୁ ଗ୍ରାମବାସୀ ଚାନ୍ଦା କରି ଆହୁରି ଗଭୀର କରିବାକୁ ଖୋଳୁଛନ୍ତି। ପୋଖରୀର ଦୂଷିତ ଜଳ ବ୍ୟବହାର କରି ଗ୍ରାମରେ ବହୁ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏପଟେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଖଲ୍ଲିକୋଟ ବ୍ଲକରେ କୂଅ, ପୋଖରୀ ସବୁ ଶୁଖି ଗଲାଣି। ଖଲ୍ଲିକୋଟ ସହର ସମେତ କେତେକ ଗ୍ରାମାଞ୍ଚଳରେ ଥିବା ଜଳସଂକଟ ଦେଖାଗଲାଣି। ଖଲ୍ଲିକୋଟ ସହର ସମେତ ଥିବା ବିଭିନ୍ନ ସାହି ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଣ ହୋଇ ପାରୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ଚଣ୍ଡିଖୋଲ,୩୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତ ଅଶିଳା ପଦ୍ମନାଭପୁର ଗ୍ରାମର ଶ୍ରମିକ ପ୍ରମୋଦ ଚନ୍ଦ୍ର କର(୪୭)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରମୋଦ ସୋମବାର ନାନପୁର ଗ୍ରାମରୁ ଇଟା କାମ ସାରି ମଧ୍ୟାହ୍ନ ୧୨ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗଛ ମୂଳେ ବସିବା ସହ ଥକ୍କା ମାରି ଶୋଇ ପଡ଼ିଥିଲେ। ସମୟ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରି



ତାଙ୍କୁ ଗଛମୂଳେ ଶୋଇଥିବା ଦେଖିବାକୁ ପାଇଥିଲେ। ଡାକିବାରୁ ସେ ଉଠି ନ ଥିଲେ। ତେଣୁ ଆମ୍ବୁଲାନ୍ସ ଡକାଇ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ଜୈବକଳା ବିବିଧତା, ଶିଳ୍ପ କର୍ମଶାଳା




ଟାଟା ଷ୍ଟିଲ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣିଠାରେ ଅନୁଷ୍ଠିତ କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଛାତ୍ରୀଛାତ୍ର।

**୫୦ରୁ ଊର୍ଦ୍ଧ୍ୱ ମାଙ୍କେଡ଼ିଆ ଓ ଜୁଆଙ୍ଗ ଜନଜାତି ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ**

କାଳିଆପାଣି,୩୦।୪(ଅସିତ ମହାନ୍ତ):

କାଳିଆପାଣି ଖଣି ଅଞ୍ଚଳରେ ବସବାସ କରୁଥିବା ଜନଜାତିଙ୍କ ପାଇଁ ଟାଟାଷ୍ଟିଲ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣିଠାରେ ଏକ ୩ ଦିନିଆ ଜୈବକଳା ବିବିଧତା ଓ ଶିଳ୍ପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଜୈବ କଳା ବିବିଧତା'ଉପରେ ପର୍ଯ୍ୟବେକ୍ଷିତ ଏହି କର୍ମଶାଳାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାଙ୍କେଡ଼ିଆ ଓ ଜୁଆଙ୍ଗ ଜନଜାତିର ଛୋଟ ପିଲା ଏବଂ ଯୁବତୀଯୁବକ ଭାଗ ନେଇଥିଲେ। ଜାମସେଦପୁରସ୍ଥିତ ଶିଳ୍ପୀ ନିକେତନର ବିଶିଷ୍ଟ ପ୍ରଶିକ୍ଷିକା ରିଙ୍କୁ ପ୍ରମାଣିକ ଓ ବବନ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆଦିମ ଜନଜାତିଙ୍କ କଳାତ୍ମକ ପ୍ରତିଭା, ନୂତନ କୌଶଳ ଓ ସେମାନଙ୍କ ସୃଜନଶୀଳତାର ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଦିନରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜୈବ ବିବିଧତା ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନ କରାଯିବା ସହ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଟାଟା ଷ୍ଟିଲ(ଏଫଏଏମ୍‌ଡି)ର ଏକ୍‌ଜିକ୍ୟୁଭ ଇନଚାର୍ଜ ପଙ୍କଜ ସତିଜା କହିଥିଲେ, ଆମ କାର୍ଯ୍ୟସ୍ଥଳ ଆଖପାଖରେ ବସବାସ କରୁଥିବା ସାମାଜିକ ଦୁର୍ବଳ ଗୋଷ୍ଠୀଙ୍କ ସହାୟତା ପାଇଁ ସବୁବେଳେ ଯତ୍ନବାନ ରହି ଆସିଛୁ। ଏହି କଳା ଓ ଶିଳ୍ପ କର୍ମଶାଳା ମାଧ୍ୟମରେ ଗୋଷ୍ଠୀମାନଙ୍କୁ ସଶକ୍ତ କରିବା, ସାଂସ୍କୃତିକ ବିବିଧତାର ଉତ୍ସବ ପାଳନ କରିବା ତଥା ଆମର ପ୍ରାକୃତିକ ପରିବେଶ ପ୍ରତି ସଚେତନତା ବୃଦ୍ଧି ପାଇଁ ଆମେ ଲକ୍ଷ୍ୟ ରଖିଛୁ। କର୍ମଶାଳା ଶେଷରେ ଅଂଶଗ୍ରହଣକାରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ଖଣି ସମୂହ ମୁଖ୍ୟ ଶମ୍ଭୁନାଥ ଝା, ସୁକିନ୍ଦା କ୍ରୋମାଇଟ ଖଣି ମୁଖ୍ୟ ଦେବରାଜ ତିୱାରୀ, ବରିଷ୍ଠ ଆଞ୍ଚଳିକ ନିରାପତ୍ତା ପ୍ରବନ୍ଧକ ଅଞ୍ଜନା ତିୱାରୀ ଓ ବରିଷ୍ଠ ଆଞ୍ଚଳିକ ଖଣି ପରିଚାଳନା ପ୍ରବନ୍ଧକ ନିହାର ମିତ୍ରଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ର ସଂସଦ, ଶିକ୍ଷକଙ୍କ ବୈଠକ

ଧର୍ମଶାଳା,୩୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲରେ ପୁରାତନ ଛାତ୍ର ସଂସଦ କମିଟି ଓ ସ୍କୁଲର ସମସ୍ତ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଇଂ. ନିରଞ୍ଜନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଶିକ୍ଷାଦାନକୁ ନେଇ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ୨ ପାଇଖାନା ନିର୍ମାଣ କରାଯିବାକୁ ସରପଞ୍ଚ ତ୍ରିଲୋଚନ ଜେନା ପ୍ରତିଶ୍ରୁତି ଦେଇଥିଲେ। ଜୁନ ୨୬ରେ ପୁରାତନ ଛାତ୍ର ସଂସଦ ଓ ସ୍କୁଲ୍‌ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ମିଶ୍ର ଘୋଷଣା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ରମାକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ, ବଟକୃଷ୍ଣ ପରିଡ଼ା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଯୁଗଳ କିଶୋର ଦାସ ଓ ନରେନ୍ଦ୍ର କୁମାର ବେହେରା ପ୍ରମୁଖ ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ନାୟକ ଧନ୍ୟବାଦ ଦେଇଥିଲେ।

# ଗ୍ୟାରେଣ୍ଟି କାର୍ଡ ବଣ୍ଟନ



କଂଗ୍ରେସ ପକ୍ଷରୁ ପ୍ରକାଶ ପାଇଥିବା ଗ୍ୟାରେଣ୍ଟି କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଉଛି।

ବଡ଼ଚଣା,୩୦।୪(ଦିଲୀପ କୁମାର ମହାନ୍ତି):

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ପ୍ରକାଶ ପାଇଥିବା ଗ୍ୟାରେଣ୍ଟି କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ଯାଜପୁର କଂଗ୍ରେସ ଲୋକସଭା ପ୍ରଚାର କମିଟି ଅଧକ୍ଷ ମାଗୁଣି ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରାରମ୍ଭରେ ଜେନା ଚଣ୍ଡିଖୋଲଛକସ୍ଥିତ ଗୌତମ ବୁଦ୍ଧ ପ୍ରତିମୂର୍ତ୍ତି ଓ ଖଇରାଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପସ୍ଥିତ ଜନସାଧାରଣମାନଙ୍କୁ କାର୍ଡ ବଣ୍ଟନ କରିଥିଲେ। ଆସନ୍ତା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ସବୁ ଗ୍ୟାରେଣ୍ଟି କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ସେଠୀ, ବିଦ୍ୟାଧର ଜେନା, ଶରତ ଚନ୍ଦ୍ର ଜେନା ଓ ରାହାସ ବିହାରୀ ଜେନା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ



ବିଧାୟକଙ୍କ ଗହଣରେ ଦଳରେ ସାମିଲ ହୋଇଥିବା କର୍ମୀ ଓ ଅନ୍ୟମାନେ।

ଧର୍ମଶାଳା,୩୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏକମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତର ବହୁ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ବିଶ୍ୱଜିତ ନାୟକ, ସନ୍ତୋଷ ପୃଷ୍ଟି, ନିରଞ୍ଜନ ନାୟକ, ସୁଶାନ୍ତ ପୃଷ୍ଟି, ତପନ ସେଠୀ, ପର୍ଶୁରାମ ଦେଉରୀ, ଚନ୍ଦନ ସେଠୀ, ମାତୃଶକ୍ତି ନାୟକ, ଶଙ୍କର୍ଷଣ ନାୟକ, ପ୍ରଭେନ୍ଦୁ ନାୟକ, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଶ୍ରୀକାନ୍ତ ମଲିକ, ଶିବଶକ୍ତି ନାୟକ, ଆନନ୍ଦ ନାୟକ, କାହ୍ନା ନାୟକ ଓ ଶିପୁ ନାୟକ ପ୍ରମୁଖ। ସେମାନଙ୍କୁ ବିଧାୟକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ହରିଦାସପୁର ପଞ୍ଚାୟତ ବିଜେଡି ସଭାପତି ଡ. ସିତାଂଶୁ ଶେଖର କର, ସରପଞ୍ଚ ବିକ୍ରମ ବିଶ୍ୱାଳ, ରୂପେଶ ଭଦ୍ର, ଚିତ୍ତରଞ୍ଜନ ନାୟକ ଓ ବିଜୟକୃଷ୍ଣ ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### କଳାପଥର ପରିବହନ କରୁଥିବା ୨ ଟ୍ରାକ୍ଟର ଜବତ

ଧର୍ମଶାଳା, ୩୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ଅନ୍ତର୍ଗତ ବାଘୁଆ ବେଆଇନ ଖାଦାନରୁ କଳାପଥର ଉତ୍ତୋଳନ କରି ଚାଲାଣ କରୁଥିବା ୨ ଟ୍ରାକ୍ଟରକୁ ଜବତ କରାଯାଇ ଜରିମାନା ଆଦାୟ କରାଯାଇଛି। ପରେ ଟ୍ରାକ୍ଟର ଦ୍ୱୟକୁ ଛଡ଼ାଯାଇଛି। କଳାପଥର ଲୁଟ ହେଉଥିବା ଖବର ପାଇ ବଳରାମପୁର ୧ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ ଚଢ଼ାଉ କରିଥିଲେ। ଏହି ସମୟରେ ଓଆର୍‌-୦୪-ଏମ୍‌-୦୨୯୨ ଓ ଓଡ଼ି-୦୫-ବି- ୨୨୯୪ନଂ. ବିଶିଷ୍ଟ ୨ ଟ୍ରକ୍ଟରକୁ ଜବତ କରିଥିଲେ।

### ୮ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଯାଜପୁରରୋଡ୍,୩୦।୪(ପବିତ୍ର ରଞ୍ଜନ ମହାନ୍ତି):

ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର କୋପଣ୍ଡ ଛକରେ ଚଢ଼ାଉ କରାଯାଇ ୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହିତ ଜଣେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ତିଲୋତ୍ତମା ମଲିକ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ବିଭୁପ୍ରସାଦ ସାହୁ ଚଢ଼ାଉ କରିଥିଲେ। ମହିଳା ଜଣକ ଘରେ ଗଞ୍ଜେଇ ରଖି ବିକ୍ରି କରୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଚଢ଼ାଉରେ ଏସ୍‌ଆଇ ବିଭୁପ୍ରସାଦ ସାହୁ, ଶ୍ରୀକାନ୍ତ ପଣ୍ଡା, ଏଏସ୍‌ଆଇ କ୍ଷୀରୋଦ କୁମାର ସାହୁ, କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପ୍ସା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ନଂ.୨୪।୨୪ ରୁଜୁ ହୋଇଛି।

### ଗ୍ରାମବାସୀଙ୍କୁ ପାନୀୟ ଜଳ ବିତରଣ

କୋରେଇ,୩୦।୪(ଚନ୍ଦ୍ରକାନ୍ତ ପତି):

କୋରେଇ ବ୍ଲକ୍ ଅଞ୍ଚଳରେ ଜଳସଙ୍କଟ ଦେଖା ଦେଇଛି। ଏହାକୁ ଆଖି ଆଗରେ ରଖି କୋରେଇ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ବିତରଣ କରାଯାଉଛି। ଏହି ବ୍ଲକ ଅଧୀନ କାଚରାସାହି ପଞ୍ଚାୟତର ମାଦଳା ଏବଂ ରାଉତପଡ଼ା ଗ୍ରାମରେ ଜଳ ସମସ୍ୟା ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଏହାକୁ ଦୃଷ୍ଟିରେ ରଖି କୋରେଇ ବ୍ଲକ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝି, ପିଇଓ ସତ୍ୟନାରାୟଣ ଜେନା ଓ ସରପଞ୍ଚ ଗୌରୀଶଙ୍କର ମହାପାତ୍ରଙ୍କ ଉଦ୍ୟମରେ ଏହି ୨ଟି ଗ୍ରାମକୁ ଜଳ ବିତରଣ କରାଯାଇଛି। ଅଗାମୀ ୨ ମାସ ପର୍ଯ୍ୟନ୍ତ ଜଳ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ମହାପାତ୍ର ପ୍ରକାଶ କରିଛନ୍ତି।

# ଥଣ୍ଡା ପାନୀୟ ଜଳ ମେଶିନ ସ୍ଥାପନ




କଳିଙ୍ଗନଗର ରୋଟାରି କ୍ଲବ ତରଫରୁ ଥଣ୍ଡା ପାନୀୟ ଜଳ ମେଶିନ ସ୍ଥାପନ କରାଯାଉଛି।

ଯାଜପୁରରୋଡ୍,୩୦।୪(ପବିତ୍ର ରଞ୍ଜନ ମହାନ୍ତି):

କଳିଙ୍ଗନଗର ରୋଟାରି କ୍ଲବ ତରଫରୁ ଯାଜପୁରରୋଡ୍ ଚୋରଦା ବାଇପାସ ଛକ ନିକଟ ତାରିଣୀ ମନ୍ଦିର ପାର୍ଶ୍ୱରେ ଏକ ଥଣ୍ଡା ପାନୀୟ ଜଳ ମେଶିନ ସ୍ଥାପନ କରାଯାଇଛି। ଏହାକୁ କ୍ଲବ ସଭ୍ୟ ରାମଚନ୍ଦ୍ର ସେନାପତି ତାଙ୍କ ମାତାଙ୍କ ଉଦ୍ଦେଶ୍ୟରେ କ୍ଲବକୁ ପ୍ରଦାନ କରିଥିବାରୁ ତାଙ୍କ ପିତା ଅଲେଖଚନ୍ଦ୍ର ସେନାପତିଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ଉପସଭାପତି ଗୋପୀନାଥ ସାହୁ, ସମ୍ପାଦକ ମନୋଜ କୁମାର ବାରିକ, କାର୍ଯ୍ୟକାରୀ ସମ୍ପାଦକ ସୁଦୀପ ମିଶ୍ର, ପ୍ରାକ୍ତନ ସଭାପତି ଲୋକନାଥ ରାଉତ, ଡ. ପରମେଶ୍ୱର ଦାସ, ଶିବାନନ୍ଦ ନାୟକ, ପ୍ରାକ୍ତନ ସମ୍ପାଦକ ଦିନେଶ ସାହୁ, କମଳ ଲୋଚନ ସାହୁ, କୈଳାସ ଚନ୍ଦ୍ର ସାହୁ ଓ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗତ ସପ୍ତାହରେ ସ୍ଥାନୀୟ ତଳଗଡ଼ ପଞ୍ଚାୟତ ଅଧୀନ ଉପୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲବ ତରଫରୁ ଏକ ପାନୀୟ ଜଳ ବିଶୋଧକ ମେଶିନ ସ୍ଥାପନ କରାଯାଇଥିଲା।

# ଜଳଦାନ ସେବା ଶିବିର




ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜଳବଣ୍ଟନ କରାଯାଉଛି।

ସିଂହପୁର,୩୦।୪
(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରତ ସ୍କାଉଟ-ଗାଇଡ୍ ପକ୍ଷରୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ସ୍କାଉଟ-ଗାଇଡ୍‌ର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଜଳଦାନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ମୁମସାଦ ଖାନ, ଗାଇଡ କ୍ୟାପଟେନ ଶୁଭଶ୍ରୀ ବିଶ୍ୱାଳ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ। ଭାରତ ସ୍କାଉଟ-ଗାଇଡ ଯାଜପୁର ଜିଲା ସମ୍ପାଦକ ଶମ୍ଭୁନାଥ ଦାଶ, କ୍ରୀଡ଼ାବିତ ମଧୁସୂଦନ ଧଳ, ରାଜେନ୍ଦ୍ର କୁମାର ଦାସ ଏବଂ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

# ବିରଜା କଲ୍‌ଚରାଲ ଏକାଡେମୀର ବିଶ୍ୱ ନୃତ୍ୟ ଦିବସ

ଯାଜପୁର ଟାଉନ,୩୦।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବିରଜା କଲଚ୍‌ରାଲ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ପାଳିତ ହୋଇଯାଇଛି। ଏକାଡେମୀ ସଭାଗୃହରେ ଉପସଭାପତି ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଆଶିଷ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶକ୍ତିପୀଠରେ ନୃତ୍ୟ ସେବା ଓ ଜାତୀୟ ପରାକାଷ୍ଠା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ପରିଡ଼ା ନଭେମ୍ବରରେ ହେବାକୁ ଥିବା ବିରଜା କ୍ଷେତ୍ର ଫେଷ୍ଟିଭାଲ୍‌ର ସଂପୂର୍ଣ୍ଣ ରୂପରେଖ ଓ ସଂସ୍କୃତି ପ୍ରେମୀଙ୍କ ସହଯୋଗ ସଂପର୍କରେ ବକ୍ତବ୍ୟ ରଖିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ପରିଚାଳନା କମିଟି ସଦସ୍ୟା ଭାରତୀ ଆଚାର୍ଯ୍ୟ, ସୁପ୍ରିୟା ସାହୁ, ସସ୍ମିତା ପଣ୍ଡା, ରାଧାରାଣୀ ପାଢ଼ୀ, ଗୌରୀ ପଢ଼ିହାରୀ, ଟୁଟୁଲ ମିତ୍ର, ପ୍ରମିଳା ସାହୁ, ଚନ୍ଦ୍ରପ୍ରଭା ଜେନା ଓ ନୃତ୍ୟଶିଳ୍ପୀ ଅର୍ପିତା ସାହୁ ଯୋଗଦେଇ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷା ପ୍ରତିମା ମିଶ୍ର ଧନ୍ୟବାଦ ଦେଇଥିଲେ।



ବିରଜା କଲ୍‌ଚରାଲ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

### ବ୍ୟବସାୟୀଙ୍କ ପରଲୋକ

ପାଣିକୋଇଲି,୩୦।୪(ବିକାଶ ମଲ୍ଲିକ):

କୋରେଇ ବ୍ଲକ କରଦା ପଞ୍ଚାୟତ ରାଣୀଗୋଡା ଗ୍ରାମର ବ୍ୟବସାୟୀ ପ୍ରେମାନନ୍ଦ ସାହୁଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସାହୁ ଜଣେ ସଫଳ ବ୍ୟବସାୟୀ ଥିଲେ। ସ୍ଥାନୀୟ ଅଞ୍ଚଳରେ ତାଙ୍କର ବେଶ୍ ସୁନାମ ରହିଥିଲା। କିଛି ଦିନ ହେବ ପିଠି ଯନ୍ତ୍ରଣା ରୋଗରେ ପୀଡ଼ିତ ଥିଲେ। ତାଙ୍କର ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ବୈତରଣୀ ନଦୀତଟ ବାରୁଣୀ ମହା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସେ ବ୍ୟବସାୟ କରୁଥିବା ରାଣୀଗୋଡ଼ା ଛକ ବ୍ୟବସାୟୀ ସଂଘ ସଭାପତି ଭିକାରୀ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଏକା ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାରାୟଣ ସାହୁ, ଭାସ୍କର ସାହୁ, କୀର୍ତ୍ତି ସାହୁ, ସୁରେନ୍ଦ୍ର ଭୂୟାଁ, ନରେନ୍ଦ୍ର ସାହୁ, ବୁଲା ମହାରଣା, ବଳରାମ ଜେନା, ଶ୍ୟାମ ସୁନ୍ଦର ଦାସ, ନଟବର ସାହୁ, ସଦାଶିବ ସାହୁ ପ୍ରମୁଖ ବ୍ୟବସାୟୀ ଉପସ୍ଥିତ ରହି ସାହୁଙ୍କ ସ୍ମୃତିଚାରଣ କରିଥିଲେ।

# ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ




ଭକଣ୍ଡରୀ ସରକାରୀ ଉପ୍ରା ବିଦ୍ୟାଳୟ ନିକଟରେ ଲଗାଯାଇଥିବା ହୋର୍ଡିଂ।

ପାଣିକୋଇଲି,୩୦।୪(ବିକାଶ ମଲ୍ଲିକ):

ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ଅଚରଣ ବିଧି ଲାଗୁକରିଛନ୍ତି। ହେଲେ କୋରେଇ ବ୍ଲକ କରଦା ପଞ୍ଚାୟତରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତରେ ବସୁଧା ଯୋଜନା ହୋର୍ଡିଂ ଲାଗିଛି। ସେଥିରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି। ସେହି ହୋର୍ଡିଂଗୁଡିକ ଭକଣ୍ଡରୀ ବିଦ୍ୟାଳୟ, ରାଣୀଗୋଡ଼ା ସରକାରୀ ଉପ୍ରା ବିଦ୍ୟାଳୟ ନିକଟରେ ଲଗାଯାଇଛି। ଅନ୍ୟ ଗୋଟିଏ ବସୁଧା ପ୍ରକଳ୍ପ ନିକଟରେ ରହିଛି। ଉକ୍ତ ଦୁଇ ବିଦ୍ୟାଳୟରେ ସାଧାରଣ ନିର୍ବାଚନରେ ମତଦାନ କେନ୍ଦ୍ର ହୋଇଥାଏ। ଜୁନ ୧ରେ ଲୋକେ ଉକ୍ତ ବିଦ୍ୟାଳୟ କେନ୍ଦ୍ରକୁ ମତଦାନ କରିବାକୁ ଆସିବେ। ଜିଲାପାଳଙ୍କ ତାଗିଦ ସତେ ଏଗୁଡ଼ିକୁ ସମ୍ପୂର୍ଣ୍ଣ ଆବରଣ କରାଯାଇନାହିଁ। ଯାହାକି ନିର୍ବାଚନ ଆଚରଣବିଧିର ଖୋଲା ଉଲ୍ଲଘଂନ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧରଣରେ ଦାବି ହୋଇଛି।

# ପାନୀୟ ଜଳ ଯୋଗାଅ, ନ ହେଲେ ଭୋଟ ବର୍ଜନ

ଡେରାବିଶ,୩୦।୪ (ବେବର୍ତ୍ତା ଅଜୟ ଦାସ)

## କାଉପଡ଼ା ପଞ୍ଚାୟତର ମହିଳା ଗରା, ବାଲଟି ଧରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି



କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହି ସମସ୍ୟାର ସମାଧାନରେ ବିଭାଗୀୟ ଉଦାସିନତାକୁ ନେଇ ମଙ୍ଗଳବାର ପଞ୍ଚାୟତର ଶତାଧିକ ମହିଳା ଗରା, ମାଠିଆ ଓ ବାଲଟି ନେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ଯଦି ଯଥାଶୀଘ୍ର ପାଣି ସମସ୍ୟା ସମାଧାନ କରା ନ ଯାଏ ସେମାନେ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି। ଏଥିସହ ମହଳାମାନେ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକର ଅନ୍ୟ ଅଧିକାରୀଙ୍କୁ ଭେଟି ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଅନୁଯାୟୀ, କାଉପଡ଼ା ପଞ୍ଚାୟତର ବାରବାଟିଆ ଓ ନରଣପୁର ଗାଁର ଶେଷମୁଣ୍ଡରେ ଥିବା ହରିଜନସାହିକୁ ଦୀର୍ଘମାସ ହେବ ପାନୀୟ ପ୍ରକଳ୍ପରୁ ପାଇପ ଯୋଗେ ପିଇବା ପାଣି ପହଞ୍ଚୁ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ସହ ବିଭାଗୀୟ ବସୁଧା ହେଲ୍ପ ଲାଇନ ଜରିଆରେ ବହୁବାର ଅନ୍‌ଲାଇନ ଅଭିଯୋଗ କରିଛନ୍ତି। ହେଲେ ଏ ଦିଗରେ ସରପଞ୍ଚ କିମ୍ବା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବାରୁ ସେମାନେ ପାନୀୟ ଜଳ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ସବୁଆଡୁ ନରାଶ ହେବା ପରେ ମାମୁନି ମଲିକ, ମିନତି ମଲିକ, ଗୀତାଞ୍ଜଳି ମଲିକ, ମଧୁସ୍ମିତା ମଲିକ, ପ୍ରମିଳା ମଲିକ, ଗାୟତ୍ରୀ ମଲିକ, ରୀନା ମଲିକ, ରଶ୍ମିରାଣୀ ମଲିକ ଓ ଅଞ୍ଜଳି ମଲିକଙ୍କ ନେତୃତ୍ୱରେ ପାନୀୟ ଜଳରୁ ବଞ୍ଚିତ ହେଉଥିବା ମହିଳାମାନେ ଗରା, ମାଠିଆ ଓ ବାଲଟି ଧରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବରୁ ବାଘିଲୋବାବନପୁର ପାନୀୟ ଜଳ ପ୍ରକଳ୍ପରୁ ଏହି ଦୁଇ ଗ୍ରାମବାସୀ ପାଇପ ଯୋଗେ ପାଣି ପାଉଥିଲେ। ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ ଯୋଗୁ ଏହି ସମସ୍ୟାର ସମାଧାନ ପାଇଁ ନିକଟରେ ଥିବା ନୀଳିକଣା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାଇପ ବିଛାଇ ସେମାନଙ୍କୁ ପାଣି ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପତାପ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଉଭୟ ଗ୍ରାମ ପାଇଁ ଉଦ୍ଦିଷ୍ଟ ଥିବା ପକଳ୍ପରୁ ଅତି ସୂଚାରୁ ରୂପେ ସମସ୍ତ ଗ୍ରାମବାସୀ ପାଇପ ଯୋଗେ ବିଗତ ଦିନରେ ପାଣି ପାଉଥିଲେ। ହେଲେ ବହୁସଂଖ୍ୟାରେ ଗ୍ରାମବାସୀ ବେଆଇନ ଭାବେ ପାଇପ ଲାଇନକୁ କଣା କରି ମଟର ଲଗାଇ ଘରକୁ ପାଣି ନେଉଛନ୍ତି। ଆଉ କେତେଜଣ ମଟର ଯୋଗେ ନିଜ ଘର ସମେତ ପୋଖରୀ ଓ ବିଲବାଡିକୁ ନିୟମିତ ଭାବେ ପାଣି ନେଇ ଅପଚୟ କରୁଛନ୍ତି। ଫଳରେ ଗ୍ରାମର ଶେଷମୁଣ୍ଡରେ ଥିବା ଲୋକମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେ ବହୁବାର ପାଣି ଅପଚୟ କରୁଥିବା ଲୋକମାନଙ୍କୁ ସଚେତନ କରିଥିଲେ ମଧ୍ୟ ସେମାନେ ନିୟମ ମାନିବା ପରିବର୍ତ୍ତେ ତାଙ୍କ ସହ ଉଚ୍ଚବାଚ କରୁଥିଲେ। ଏ ବାବଦରେ ସେ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ବ୍ଲକ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ୨୦୧୯-୨୦ ଆର୍ଥିକ ବର୍ଷରେ ବାଘିଲୋବାବନପୁର ପାନୀୟ ଜଳ ପ୍ରକଳ୍ପ ପାଣି ଯୋଗା ଯାଉଛି। ମହିଳାମାନେ ଦୀର୍ଘମାସ ହେଲା ପାଣି ପାଉ ନ ଥିବା ନେଇ କୌଣସି ଅଭିଯୋଗ ବିଗତଦିନରେ ତାଙ୍କ ପାଖରେ କରିନାହାନ୍ତି। ତେବେ ଗ୍ରାମବାସୀଙ୍କ ଦ୍ୱାରା ଅଯଥା ପାଣି ଅପଚୟ ଏହି ସମସ୍ୟାକୁ ବୋଧେ ସୃଷ୍ଟି କରିଛି। ଏଭଳି ପାଣି ଅପଚୟ ନ କରିବାକୁ ମଙ୍ଗଳବାର ସରପଞ୍ଚ ମାଇକ ଯୋଗେ ପ୍ରଚାର ମଧ୍ୟ କରି ଲୋକମାନଙ୍କୁ ଅବଗତ କରିଛନ୍ତି। ଯଦି କୌଣସି ଗ୍ରାମବାସୀ ଆଗାମୀଦିନରେ ବେଆଇନ ଭାବେ ପାଣି ଅପଚୟ କରୁଥିବା ଧରାପଡନ୍ତି ତେବେ ତାଙ୍କ ବିରୋଧରେ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ଶ୍ରମିକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇଛି ବିଜେଡି



ଖବରଦାତା ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ ସୁବାସ ସିଂ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୩୦।୪(ଜଗନ୍ନାଥ ଧଳ)

ବିଜୁ ଶ୍ରମିକ ସାମ୍ମୁଖ୍ୟ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳନ କରିବ। ଏହା ପୂର୍ବରୁ ସାମ୍ମୁଖ୍ୟ ମହାସଚିବ ତଥା କଟକ ମେୟର ସୁବାସ ସିଂ କେନ୍ଦ୍ରାପଡ଼ା ସହର ତିନିମୁହାଣୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ ମଙ୍ଗଳବାର ଆୟୋଜିତ କରିଛନ୍ତି। ଏହି ସମ୍ମିଳନୀରେ ସାମ୍ମୁଖ୍ୟ ମହାସଚିବ ସିଂହ, ଉପଦେଷ୍ଟା ରାଜୀବ ମହାନ୍ତି, ଆଇନଜୀବୀ ନଳିନୀକାନ୍ତ ତ୍ରିପାଠୀ ସୂଚନାଦାତା ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଗତ ୨୪ ବର୍ଷ ଶାସନ କାଳରେ ବିଜେଡି ସରକାର ସର୍ବଦା ଶ୍ରମିକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଛି। ଗତ ମାର୍ଚ୍ଚରେ ଅନସ୍କିଲଡ ଶ୍ରମିକଙ୍କ ଦୈନିକ ମଜୁରି ଏକକାଳୀନ ୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ଖାଦ୍ୟ ନିରାପତ୍ତା, ଆବାସ ଯୋଜନା, ସ୍ୱାସ୍ଥ୍ୟ କାର୍ଡଠାରୁ ଆରମ୍ଭ କରି ଝିଅ ବାହାଘର ପର୍ଯ୍ୟନ୍ତ ଆର୍ଥିକ ଅନୁଦାନ ବ୍ୟବସ୍ଥା ହୋଇଛି। ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ମାଧ୍ୟମରେ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ତ୍ୱରାନ୍ୱିତ କରାଯାଉଥିବା ସେମାନେ ପ୍ରକାଶ କରିଥିଲେ।

# ପଦବୀର ସଦୁପଯୋଗ ବ୍ୟକ୍ତିତ୍ୱକୁ ଶାଣିତ କରେ

## ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୩୦।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମଙ୍ଗଳବାର ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସହରର ପୁରୁଣା ମେଡିକାଲ ପରିସରସ୍ଥ ଡିଡିଆରସି ସଭାଗୃହରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ପ୍ରଶାସନିକ ଅଧିକାରୀ, ଭିନ୍ନକ୍ଷମ ବ୍ୟକ୍ତି ଓ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ମର୍ଯ୍ୟାଦାପୁରୁଷ ରାମ ରାଜା ଭାବେ ସର୍ବପୂଜ୍ୟ। ତେବେ ଏହା ପୂର୍ବରୁ ସେ ନିରନ୍ତର ସମାଜରେ ବସବାସ କରୁଥିବା ତୃଣମୂଳସ୍ତରର ଲୋକଙ୍କ ସହିତ ମିଶୁଥିଲେ। ସେମାନଙ୍କର ସମସ୍ୟା ବୁଝି ନିରାକରଣ କରୁଥିଲେ। ତୃଣମୂଳ ସ୍ତରର ଲୋକଙ୍କ ସମସ୍ୟାର ସମାଧାନ କରିବା ପଦବୀର ସଦୁପଯୋଗ କୁହାଯାଏ। ଏପରି କର୍ତ୍ତବ୍ୟନିଷ୍ଠା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଖିବାକୁ ମିଳିଛି। ଭିନ୍ନକ୍ଷମଙ୍କ ପାଇଁ ସଦାସର୍ବଦା ଚଳଚଞ୍ଚଳ ରହିବା, ପ୍ରଶାସନିକ କାର୍ଯ୍ୟରେ ସହଯୋଗ କରିବା ସହିତ ବ୍ୟକ୍ତିଗତ ଭାବେ ବିଭିନ୍ନ ଅନୁଷ୍ଠାନରେ ସାମିଲ ହୋଇଥିଲେ। ତାଙ୍କର ଅବସର ସମୟ ସାମାଜିକ କାର୍ଯ୍ୟରେ ବିତିବାକୁ ଯାଉଛି। ଭବିଷ୍ୟତ ଜୀବନ ସୁଖ ଓ ସାମାଜିକ କାର୍ଯ୍ୟାଭିମୁଖୀ ହେଉ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ, ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଡିଏସ୍‌ଡବ୍ଲ୍ୟୁଓ ସତ୍ୟଭାମା ସେଠୀ, ସିଡିପିଓ ବିଜୟ କେତନ ସାହୁ, ସାହିତ୍ୟିକ ଜଗଦାନନ୍ଦ ଜେନା, ଶିକ୍ଷାବିତ ନାରାୟଣ ପତି, ଶୁଭ୍ରାଂଶୁ କୁମାର ଦାଶ ବକ୍ତବ୍ୟ ରଖିଥିଲେ। ଏହାକୁ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ।



ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ରେଳ ପ୍ରସଙ୍ଗ ପାଇଁ ଅତନୁଙ୍କୁ ଟାର୍ଗେଟ କଲା ଭାଜପା

କେନ୍ଦ୍ରାପଡ଼ା, ୩୦।୪ (ଜଗନ୍ନାଥ ଧଳ)

ଦୁଇଦିନ ପୂର୍ବେ କେନ୍ଦ୍ରାପଡ଼ା ଜିଲାରେ ରେଳ ଚଳାଚଳକୁ ନେଇ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମତ ରଖିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ସହଯୋଗ ଓ ସଦିଚ୍ଛା ଯୋଗୁ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଗଡିବା ସମ୍ଭବ ହୋଇଛି। ଏହି ମତକୁ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ବିରୋଧ କରାଯାଇଛି। ସହରର ଦୁହୁରିଆସ୍ଥିତ କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ କରାଯାଇ ମନ୍ତ୍ରୀ ନାୟକଙ୍କ ସହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ରେଳ ପ୍ରସଙ୍ଗରେ ଶ୍ରେୟ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ବ୍ୟକ୍ତିଗତ ଉଦ୍ୟମକୁ ଦେବା ସହ ମହାକାଳପଡାବାସୀଙ୍କ ପାଇଁ କେବଳ ପ୍ରତିଶ୍ରୁତି ମିଳିଥିବା ସେମାନେ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଉପସଭାପତି ସଞ୍ଜୟ ରଥ, ବରିଷ୍ଠ ନେତା ସୁନାକର ବେହେରା, ଉପନ ରାଉତ ସାମିଲ ହୋଇଥିଲେ। ସେମାନେ କହିଥିଲେ ଯେ, ୨୦୦୯ ପର୍ଯ୍ୟନ୍ତ ରେଳ ପ୍ରକଳ୍ପ ବନ୍ଦପ୍ରାୟ ଥିଲା। ଜିଲାକୁ ଶିଳ୍ପ ଆସିବା ଆଗରୁ ରେଳ ପ୍ରକଳ୍ପ ଆବଶ୍ୟକ ଥିବାରୁ ପୂର୍ବତନ ଏମ୍‌ପି ତଥା ଚଳିତ ନିର୍ବାଚନର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ପଣ୍ଡା ବହୁବାର ଉଦ୍ୟମ କରିଥିଲେ। ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ହେଉ ଅଥବା ଜଙ୍ଗଲ ଜମି ସମସ୍ୟାକୁ ସେ ସମାଧାନ କରିଥିଲେ। ଅପରପକ୍ଷରେ ମହାକାଳପଡ଼ାବାସୀଙ୍କୁ ଅଦ୍ୟାବଧି ମନ୍ତ୍ରୀ ନାୟକ ଓ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ବରୁଣେଇ ବନ୍ଦର, ଆଖଡାଶାଳୀ ବନ୍ଦର, ଅଳାଇଲୋ ପାୱାର ଥର୍ମାଲ ପ୍ଲାଣ୍ଟ, ଶିଳ୍ପ ପ୍ରତିଷ୍ଠା ଆଦି ଅଦ୍ୟାବଧି କେବଳ ନିର୍ବାଚନୀ ପ୍ରତିଶ୍ରୁତି ମିଳିଛି। କୌଣସି ଏକ ବ୍ଲକ ତୁଳନାରେ ରାଜ୍ୟର ସର୍ବାଧିକ ଡଙ୍ଗା ଘାଟ ମହାକାଳପଡ଼ାରେ ଅଛି। ମୌଳିକ ସମସ୍ୟାର ସମାଧାନ ଓ ବିକାଶ କାର୍ଯ୍ୟ ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ଅଛି। ତେବେ ଏହି ବ୍ଲକ ଅଞ୍ଚଳର ବହୁ ଗ୍ରାମକୁ ସେତୁ ଓ ରାସ୍ତା ନ ଥିବାରୁ ଆପାଦକାଳୀନ ଗାଡିଟିଏ ଗଡ଼ି ପାରୁନାହିଁ। ସେହିପରି ବ୍ଲକ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ ରହିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲେ ମଧ୍ୟ ଅଦ୍ୟାବଧି ନ ସରିବା ମନ୍ତ୍ରୀ ନାୟକଙ୍କ ଲୋକ ଦରଦକୁ ଦେଖାଉଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀକୁ ନେହେରୁ ସାହୁ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

# ଜଳସେଚନ, ନିଷ୍କାସନ, ବେକାରି ସମସ୍ୟା ପାଇଁ ସଂଗ୍ରାମ ଚାଲିବ



କର୍ମୀମାନଙ୍କ ଗହଣରେ ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପ୍ରଚାର କରୁଛନ୍ତି।

ଡେରାବିଶ,୩୦।୪ (ବେବର୍ତ୍ତା ଅଜୟ ଦାସ)

## ଡେରାବିଶରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ଜୁନ ୧ରେ ଶେଷ ମତଦାନ ହେବ। ଏଥିପାଇଁ ମେ ୭ରୁ ନାମାଙ୍କନପତ୍ର ଦାଖଲ ନିମନ୍ତେ ନିର୍ବାଚନ କମିଶନଙ୍କ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଏହି ନିର୍ବାଚନ ରଣାଙ୍ଗନରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ନିଜ ସପକ୍ଷରେ ଭୋଟ ପାଇଁ ୩ ଦଳର ପ୍ରାର୍ଥୀମାନେ ଗାଁକୁ ଗାଁ ଯାଇ ବୈଠକମାନ କରି ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ତେବେ ମଙ୍ଗଳବାର ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତର ଉଦୟନଗରସ୍ଥିତ ମା' ନାରାୟଣୀଙ୍କ ପୀଠରୁ ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପୂଜାର୍ଚ୍ଚନା ପରେ ତାଙ୍କର ପ୍ରଥମ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ପ୍ରଚାର ଗୁଆଲସିଂ ଓ କୁଶିଆପାଳ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ତେବେ କର୍ମୀମାନଙ୍କ ଗହଣରେ ପ୍ରାର୍ଥୀ ଅରବିନ୍ଦ ଉଭୟ ପଞ୍ଚାୟତରେ ପାଦରେ ଚାଲିଚାଲି ଗ୍ରାମର ବିଭିନ୍ନ ପରିବାରଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଅବଗତ କରାଇବା ସହ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଅରବିନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ପ୍ରାର୍ଥିତ୍ୱକୁ ପାଟକୁରା ନିର୍ବାଚନମଣ୍ଡଳୀର ସବୁବର୍ଗ ଲୋକଙ୍କ ସମର୍ଥନ ଓ ସହଯୋଗ ରହିଛି। ଏଥିସହ ପାଟକୁରାର ବୃହତ ସମସ୍ୟା ହେଲା ଜଳସେଚନ, ଜଳ ନିଷ୍କାସନ ଓ ଯୁବବର୍ଗଙ୍କ ବେକାରି। ଏ ଦିଗରେ ତାଙ୍କର ସଂଗ୍ରାମ ଅବ୍ୟାହତ ରଖିବେ ବୋଲି ସେ କହିଥିଲେ। ଏହି ପ୍ରଚାର ଅଭିଯାନରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ସରୋଜକାନ୍ତ ନାୟକ, ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ, ସମିତିସଭ୍ୟ ନୀଳମଣି ନାଥ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ ଚନ୍ଦ୍ର ସାହୁ, ଯୁବନେତା ଦିଲୀପ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ମନୋରଞ୍ଜନ ଉପାଧ୍ୟାୟ, ମହେନ୍ଦ୍ର କୁମାର ସିଂହ, ସୁକାନ୍ତ ଦ୍ୱିବେଦୀ, ନାରୀନେତ୍ରୀ ସରଳରେଖା ସାହୁ ପ୍ରମୁଖଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ।

# ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ରାଜନଗର, ୩୦।୪(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଅଗ୍ନିକାଣ୍ଡରେ ୪ ବଖରା ସହ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଏହି ଗାଁର ଦାମୋଦର ଦାସ ଓ ପ୍ରଫୁଲ୍ଲ ଦାସଙ୍କର ୪ ବଖରା ସହ ସମସ୍ତ ଆସବାସପତ୍ର ଧାନ, ଚାଉଳ ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ବିଜେଡିର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି।

# ଚାନ୍ଦୋଳ ପାନୀୟ ଜଳ ପ୍ରକଳ୍ପ ଗୃହରେ ନିଶାସେବନର ତଦନ୍ତ

ଡେରାବିଶ,୩୦।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତର ଚାନ୍ଦୋଳ ହାଟରେ ଥିବା ପାନୀୟ ଜଳ ପ୍ରକଳ୍ପ ଗୃହରେ କେତେଜଣ ବ୍ୟକ୍ତି ରବିବାର ବିଳମ୍ବିତ ରାତିରେ ନିଶା ସେବନ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶ ଦେଇଥିଲେ। ସୋମବାର ବିଭାଗୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣାର ତଦନ୍ତ କରିବା ସହ ମଙ୍ଗଳବାର ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀ କହିଛନ୍ତି। ଏହି ଘଟଣାରେ ଚାନ୍ଦୋଳ ଫାଣ୍ଡିରେ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ୍ ଭାବେ ଦୁଇ ଗୋଟି ଅଭିଯୋଗ କରାଯାଇଛି। ଏହି ଘଟଣାର ତଦନ୍ତ ଚାଲୁ ରହିଥିବା ନେଇ ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ ସୂଚନା ଦେଇଛନ୍ତି।

# ଖଡିଅଣ୍ଟା ପଞ୍ଚାୟତ ବିଜେଡି ବନ୍ଧୁ ମିଳନ

ପଟ୍ଟାମୁଣ୍ଡାଇ, ୩୦।୪ (କଳ୍ପତରୁ ନାୟକ)



ବନ୍ଧୁମିଳନ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଡିଅଣ୍ଟା ପଞ୍ଚାୟତରେ ବିଜେଡି ପକ୍ଷରୁ ମଙ୍ଗଳବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା କରିଛନ୍ତି। ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଉଭୟ ଲୋକ ସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଆଇନଜୀବୀ କ୍ଷୀରୋଦ ପ୍ରଧାନ ଓ ବ୍ଲକ ବିଜେଡି ଉପସଭାପତି ସୁବାସ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ବର୍ଗ ସମେତ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ। କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ୧୭ନଂ. ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପଞ୍ଚାୟତ ବିଜେଡି ସଭାପତି ସଚିକାନ୍ତ ରାଉତ, ନିମାଇ କର, କଳାକର ପ୍ରଧାନ, ବିକ୍ରମ ରାୟ, ନୟନ ଗିରି, ଉତମ ବିଶ୍ୱାଳ, ନରେଶ ଜେନା, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ କଳାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା।

# ଅଣସଙ୍ଗଠିତ ଶ୍ରମିକଙ୍କ ହେଉନି ପଞ୍ଜୀକରଣ

ମହାକାଳପଡ଼ା, ୩୦।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମହାକାଳପଡ଼ା ବ୍ଲକ ଅଧୀନ ଏକ ଅଞ୍ଚଳରେ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ।

- ଶ୍ରମିକମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ
- ବ୍ଲକରେ ବହୁ ସଂଖ୍ୟକ ଶ୍ରମିକଙ୍କ ଜୀବନ ଜୀବିକା ଦୁର୍ବିଷହ

ବୁଧବାର ବିଶ୍ୱ ଶ୍ରମିକ ଦିବସ। ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥା, ଜୀବନ ଜୀବିକା ନିର୍ବାହ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କେତେକ କ୍ଷେତ୍ରରେ ଅଦ୍ୟାବଧି ଶ୍ରମିକମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବହୁ ଅଣସଙ୍ଗଠିତ ଶ୍ରମିକ ସରକାରୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ସେହିପରି ଅନେକ ଶ୍ରମିକ ବେସରକାରୀ ଠିକାଦାରଙ୍କଠାରୁ ଶୋଷଣର ଶିକାର ହେଉଛନ୍ତି। ଅନେକ ସମୟରେ ଠିକାଦାରମାନେ ବାହାର ଜିଲାରୁ ଆଦିବାସୀ ମହିଳାପୁରୁଷ ଶ୍ରମିକମାନଙ୍କୁ ସ୍ୱଳ୍ପ ମଜୁରି ଦେଉଥିବା କୁହାଯାଇଛି। ଏହି ନିରୀହ ଆଦିବାସୀ ଶ୍ରମିକଙ୍କୁ ସ୍ୱଳ୍ପ ମଜୁରି ଦେବା ଶ୍ରମ ଆଇନକୁ ଉଲ୍ଲଂଘନ କରୁଛି ବୋଲି ବୁଦ୍ଧିଜୀବୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ବ୍ଲକ ଅଞ୍ଚଳର ଖରିନାସି, ରାମନଗର, ବଟିଘର, ପେଟଛେଲା, ବଉଳକଣି, ଜମ୍ବୁ ଆଦି ଅଞ୍ଚଳର ସଂଖ୍ୟାଧିକ ଶ୍ରମିକ କାମ ଅନ୍ୱେଷଣରେ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଉଥିବା ବେଳେ ଅନ୍ୟମାନେ ପାରାଦୀପ ଶିଳ୍ପ କାରଖାନା, ସରକାରୀ, ବେସରକାରୀ ଠିକାଦାରମାନଙ୍କ ନିକଟରେ କାର୍ଯ୍ୟ କରିଥାନ୍ତି। ଏଥିଯୋଗୁ ଶ୍ରମିକମାନେ ଦୁର୍ଦ୍ଦିନରେ ଜୀବନ ଜୀବିକା ନିର୍ବାହ କରୁଛନ୍ତି। ଅଣସଙ୍ଗଠିତ ଶ୍ରମିକମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଠିକାଦାରମାନେ ଅନେକ ସମୟରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାର ଶ୍ରମିକମାନଙ୍କୁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଇଟାଭାଟି, ବାଲି ଖାଦାନ, ସରକାରୀ, ବେସରକାରୀ ପ୍ରକଳ୍ପ, ରାସ୍ତା, କୋଠାବାଡ଼ି କାମରେ ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି। ଜିଲା ବାହାର ଅଞ୍ଚଳର ଶ୍ରମିକମାନଙ୍କ କହିବା କଥା, ଅଭାବୀ ପରିବାର ଯୋଗୁ ସ୍ୱଳ୍ପ ମଜୁରିରେ ଖରା ବର୍ଷାରେ କାମ କରିବାକୁ ପଡୁଛି। ଆମେ କିଛି ସରକାରୀ ଯୋଜନାରେ ସାମିଲ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଏହି ଅଭାବୀ ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି।

## ସଂକ୍ଷେପରେ

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଖଣ୍ଡପଡ଼ା,୩୦।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତଢୋଲମରା ପଞ୍ଚାୟତର ମଇଁଷିବିନ୍ଧା ଗ୍ରାମର କାଶୀନାଥ ବେହେରା(୮୬)ଙ୍କ ମଙ୍ଗଳବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କାଶୀନାଥ ସକାଳେ କୌଣସି କାମରେ ନିକଟସ୍ଥ ରୟତଢୋଲମରା ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ଗାଁକୁ ଫେରୁଥିବା ବେଳେ ଅସହ୍ୟ ରୌଦ୍ରତାପ ସହି ନ ପାରି ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହାର କିଛି ସମୟ ପରେ ସେ ସେହିଠାରେ ଟଳିପଡିଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବର ପାଇ ପରିବାର ଲୋକେ ଅପରାହ୍ନ ୫ଟାରେ ସେଠାରେ ପହଞ୍ଚି ମୃତଦେହ ଘରକୁ ଆଣିଥିଲେ। କାଶୀନାଥଙ୍କ ପରିବାର ସଦସ୍ୟଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା। ଅଂଶୁଘାତ ମୃତ୍ୟୁ ସମ୍ପର୍କରେ ସେମାନେ କୌଣସି ଖବର ପାଇ ନ ଥିବା କହିଛନ୍ତି।

### ନିର୍ବାଚନ ପ୍ରଚାରରେ ଶିଶୁଙ୍କୁ ନିୟୋଜିତ

#### ଭାଜପା ବିରୋଧରେ ଅଭିଯୋଗ କଲେ ନୟାଗଡ଼ ପୌରାଧକ୍ଷା

ନୟାଗଡ଼.୩୦।୪(ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନମଣ୍ଡଳୀ ଭାଜପାର ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନିର୍ବାଚନ ପ୍ରଚାରରେ ଛୋଟ ଶିଶୁଙ୍କୁ ନିୟୋଜିତ କରୁଥିବା ଅଭିଯୋଗ ହୋଇଛି। ଏନେଇ ନୟାଗଡ଼ ପୌରାଧକ୍ଷା ନିରୁପମା ଖଟେଇ ଅଭିଯୋଗ ଆଣି ଭାଜପାକୁ ହରଡ଼ଘଟଣାରେ ପକାଇବାକୁ ଉଦ୍ୟମ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନୟାଗଡ଼ ନଡିଅଳି ପଞ୍ଚାୟତ ଗବନଳ ଗାଁକୁ ନୟାଗଡ଼ ଭାଜପାର ବିଧାୟକ ପ୍ରାର୍ଥୀ ସିଂ ପ୍ରଚାରକୁ ଯିବାବେଳେ ତାଙ୍କ ପ୍ରଚାରରେ ଛାଟ ଶିଶୁଙ୍କୁ ଦେଖିବାକୁ ମିଳିଛି। ଶିଶୁମାନେ ଏକ ଡାଲା ଅଟୋରେ ବସି ଭାଜପା ଜିନ୍ଦାବାଦ ଓ ରାଣୀ ମା'ଜିନ୍ଦାବାଦ ନାରାବାଜି କରୁଛନ୍ତି। ଭିଡିଓଟି ଭାଜପା ଦଳର ବିଧାୟକ ପ୍ରାର୍ଥୀ ସିଂଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ଭାଇରାଲ ହୋଇଛି। ଅବୋଧ ଶିଶୁଙ୍କୁ ନେଇ ଭାଜପା ରାଜନୀତି କରି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ନୟାଗଡ଼ ପୌରାଧକ୍ଷା ଅଭିଯୋଗ କରିଛନ୍ତି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### ଘରୋଇ କଳିରେ ଆହତ ବ୍ୟକ୍ତିଙ୍କ ନ୍ୟାୟ ପାଇଁ ଗୁହାରି

ମାଲକାନଗିରି, ୩୦।୪(ଦୁର୍ଯ୍ୟୋଧନ ପାତ୍ର):

ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଘରୋଇ କଳିରେ ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ନ୍ୟାୟ ପାଇଁ ଗୁହାରି କରିଛନ୍ତି । ଗତ ୨୭ ତାରିଖ ରାତିରେ ସ୍ଥାନୀୟ ଅଞ୍ଚଳର ଯୁବକ ରାଜୁ କୁଞ୍ଜି (୨୪) ଘରେ ବସିଥିବା ସମୟରେ ଘରୋଇ କଳିକୁ ନେଇ ତାଙ୍କ ସ୍ତ୍ରୀ ମା' ଓ ଭଉଣୀ ସହ ଝଗଡ଼ା କରିଥିଲେ। ରାଜୁଙ୍କ ସ୍ତ୍ରୀ ଉତ୍ତ୍ୟକ୍ତ ହୋଇ ଘର ସାମ୍ନାରେ ପଡ଼ିଥିବା ଏକ ମଦ ବୋତଲ ଭାଙ୍ଗି ରାଜୁଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ରାଜୁ ହଠାତ୍ ବାମ ହାତକୁ ଦେଖାଇ ଦେଇଥିବାରୁ ଗଭୀର ଆଘାତ ଲାଗିବା ସହ ସେ କ୍ଷତାକ୍ତ ହୋଇଥିଲେ। ଆହତ ଅବସ୍ଥାରେ ସେ ଏମ୍‌ଭି ୭୯ ଡାକ୍ତରଖାନା ଯାଇଥିଲେ। ସେଠାରେ ତାଙ୍କ ହାତରେ ଆଠଟି ଷ୍ଟିଚ୍ ପଡ଼ିଥିଲା । ଏହି ଘଟଣା ବାବଦରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୩ ଦିନ ଧରି ସ୍ଥାନୀୟ ଥାନା ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ନ୍ୟାୟ ପାଇବା ଆଶାରେ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଛନ୍ତି। ଆଗାମୀ ଦିନରେ ଜିଲା ଆରକ୍ଷୀ ଅଧୀକ୍ଷକରୀଙ୍କ ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏମ୍‌ଭି ୭୯ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ବିଷୟରେ ତଦନ୍ତ କରୁଥିବା ଓ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ଏକ ମାମଲା ରାଜୁଙ୍କ ବିରୋଧରେ ରୁଜୁ ହୋଇଥିବା କହିଥିଲେ। ଦୁଇ ପକ୍ଷର ଅଭିଯୋଗ ବିଷୟରେ ବର୍ତ୍ତମାନ ସୁଦ୍ଧା ତଦନ୍ତ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ତଦନ୍ତ ପରେ ସେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ପାନୀୟ ଜଳ ପ୍ରକଳ୍ପକୁ ନେଇ ବିବାଦ

- ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ
- ଠିକାଦାରଙ୍କ ଉପରେ ଦୋଷ ଲଦିଲେ ଯନ୍ତ୍ରୀ

ଓଡ଼ଗାଁ,୩୦।୪
(ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ଜାମୁସାହି ପାନୀୟ ଜଳ ପ୍ରକଳ୍ପକୁ ନେଇ ବିବାଦ ସୃଷ୍ଟି ହୋଇଛି। ପାନୀୟ ଜଳ ବୋରିଂ ପ୍ରକଳ୍ପ ପାଇଁ ନିର୍ମାଣ କରାଯାଇଥିବା ନୂତନ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବାରୁ ମଙ୍ଗଳବାର ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପଟେ ବିଦ୍ୟୁତ୍ ସବ୍‌ଷ୍ଟେଶନ ଭୁଶୁଡ଼ି ପଡିବା ଅବସ୍ଥାରେ ରହିଛି। ବିଦ୍ୟୁତ୍ ସଂଯୋଗ ପାଇଁ ଠିକାଦାର ନିୟମ ଅନୁଯାୟୀ କାମ କରି ନ ଥିବା ଯନ୍ତ୍ରୀ କହିଛନ୍ତି। ଏଭଳି ସ୍ଥିତିରେ ବିଦ୍ୟୁତ୍ ସଂଯୋଗ ହେଲେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨ବର୍ଷ ତଳେ ରଙ୍ଗଣିପାଟଣା ଜାମୁସାହିରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବୋରିଂ ଖୋଳାଯାଇଛି। ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ବହୁ ବାଟ ଯାଇ ପାନୀୟଜଳ ସଂଗ୍ରହ କରୁଛନ୍ତି। ବିଦ୍ୟୁତ୍ ଯୋଗାଣ ହେଲେ ଲୋକେ ପାନୀୟଜଳ ପାଇପାରିବେ, ସେହି ଦୃଷ୍ଟିରୁ ଆଉ ଏକ ସବ୍‌ଷ୍ଟେଶନ ପାଇଁ ପ୍ରାୟ ୮ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଠିକାଦାର ଟେଣ୍ଡର ନେଇ ନିକଟରେ ଖୋଳା ଯାଇଥିବା ଏକ ପୋଖରୀର ମାଟି ପକାଇ ସମତୁଲ କରି ତା'ଉପରେ ବିଦ୍ୟୁତ୍ ସବ୍ ଷ୍ଟେଶନ ନିର୍ମାଣ କରିଛନ୍ତି। ଏହାର ମୂଳଦୁଆ ଆଦୌ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚତୁଃପାର୍ଶ୍ୱ କାନ୍ଥ ଫାଟି ଆଁ କରି ରହିଥିବା ଦେଖିବାକୁ ମିଳିଛି। କେଉଁ ସମୟରେ ତାହା ଭୁଶୁଡିବ ତାହା କହିବା କଷ୍ଟକର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗ ପକ୍ଷରୁ ୭ଲକ୍ଷ ୪୭ହଜାର ଟଙ୍କା ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଠିକଦାର ନିୟମ ଅନୁସାରେ କାମ କରି ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଆବଶ୍ୟକ ହେଉଥିବା ଆର୍ଥିଂ ଠିକ୍ ଭାବେ ହୋଇନାହିଁ। ଏଥିପାଇଁ ୭ଟି ଆର୍ଥିଂ ପାଇପ ପୋତାଯାଇ ଥିବା ବେଳେ ସେଥିରୁ କେବଳ ଗୋଟିଏରେ ୪୦ଏମ୍‌ଏମ୍‌ର ଆର୍ଥିଂ ଆଲୁମିନିୟମ ପାତ ଲାଗିଛି, ତିନୋଟିରେ କେବଳ ଜିଆଇ ତାର ସଂଯୋଗ ହୋଇଥିବା ବେଳେ ଅବଶିଷ୍ଟ ୩ ପାଇପ୍ ଖାଲି ରହିଛି। ଏପରିସ୍ଥଳେ ସବ୍‌ଷ୍ଟେଶନକୁ ଲାଗି ଏକ ତେନ୍ତୁଳି ଗଛ ରହିଛି ଯାହାକି ବଜ୍ରପାତ ସମୟରେ ଅଘଟଣ ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଟାଟା ପାୱାର ଯନ୍ତ୍ରୀ ବାରମ୍ବାର ଘଟଣା ସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ ନିୟମ ଅନୁଯାୟୀ କାମ କରାଯାଇ ନ ଥିବା ଦର୍ଶାଇଥିଲେ। କିନ୍ତୁ ଠିକାଦାର ବାରମ୍ବାର କାମ କରୁଥିବା କହି ବିଦ୍ୟୁତ୍ ଯନ୍ତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଦିନକୁ ଦିନ ପାଣି ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି ହେବାରୁ ଗାଁର ୨୫ରୁ ୩୦ଜଣ ବ୍ୟକ୍ତି ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଥିଲେ। କିନ୍ତୁ ବିଦ୍ୟୁତ୍ ଯନ୍ତ୍ରୀ ବିନୋଦ ମହାରଣା ଠିକାଦାର ନିୟମ ଅନୁଯାୟୀ କାର୍ଯ୍ୟ କରି ନ ଥିବାରୁ ବିଦ୍ୟୁତ୍ ସଂଯୋଗ କରିବା ସମ୍ଭବପର ନୁହେଁ ବୋଲି କହିଥିଲେ। ଗ୍ରାମବାସୀ କାର୍ଯ୍ୟାଳୟ ସମ୍ମୁଖରେ ବସିବା ପରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଚାପ ପକାଇବାକୁ ଉଦ୍ୟମ କରିଥିଲେ। ନୟାଗଡ଼ ବିଦ୍ୟୁତ୍ ମ୍ୟାନେଜରଙ୍କ ସହିତ ଆଲୋଚନା କରିବା ପରେ ବୁଧବାର ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ଆବଶ୍ୟକ କାର୍ଯ୍ୟ ଠିକାଦାର ୧୫ଦିନ ଭିତରେ ପୁରା କରିବାକୁ ଉଭୟ ବିଭାଗ ନିକଟରେ ଚୁକ୍ତି କରିବା ପରେ ବିଦ୍ୟୁତ୍ ସଂଯୋଗ କରିବାକୁ ଟାଟା ପାୱାର ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ଜାମୁସାହି ଗ୍ରାମରେ ଉକ୍ଟ ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଧର୍ମକୁ ଆଖିଠାର ଭଳି ଏ ପର୍ଯ୍ୟନ୍ତ ଗାଁରେ ଗୋଟିଏ ହେଲେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇନାହିଁ। ହେଲେ ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ଆମେ ବିଦ୍ୟୁତ୍ ସଂଯୋଗ ପରେ ପାଣିର ପ୍ରେସର ଦେଖିଲେ ସେହି ଅନୁସାରେ ଏସବୁ ନିର୍ମାଣ କରିବୁ।

## ଭାଜପା ପାଇଁ ପ୍ରଚାରକରି ଚାକିରି ଗଲା

ନୟାଗଡ଼,୩୦।୪(ଲୋକନାଥ ମିଶ)

**ଅଙ୍ଗନୱାଡି ସହାୟିକାଙ୍କୁ ବହିଷ୍କୃତ କଲେ ଜିଲାପାଳ**

ଭାଜପା ପାଇଁ ପ୍ରଚାର କରି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଅଙ୍ଗନୱାଡି କେନ୍ଦ୍ରର ସହାୟିକାଙ୍କ ଚାକିରି ଚାଲିଯାଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନୟାଗଡ଼ ଜିଲାପାଳ ସ୍ୱାଧଦେବ ସିଂ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ସୁମତି ଅଲଟିଆଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଗତ ୨୧ ତାରିଖରେ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ରାଲିରେ ଯାଇଥିବା ଜଣାପଡିଥିଲା। ଏନେଇ ଫଟୋ ଭାଇରାଲ ହୋଇଥିଲା। ଏନେଇ ଅଙ୍ଗନୱାଡି କେନ୍ଦ୍ରର ସହାୟିକାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ତେବେ ଅଙ୍ଗନୱାଡି କେନ୍ଦ୍ରର ସହାୟିକାଙ୍କ ଉତ୍ତର ସନ୍ତୋଷ ଜନକ ହୋଇ ନ ଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ହୋଇଛି।

## ଘନ ଘନ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୩୦।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବିଦ୍ୟୁତ ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ଅଞ୍ଚଳବାସୀ ଗ୍ରୀଷ୍ମର ପ୍ରକୋପ ସହି ନ ପାରି ହନ୍ତସନ୍ତ ହେଉଥିବା ବେଳେ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପ୍ରତି ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଯାହାକି ଅଗ୍ନି ବର୍ଷାର ଭ୍ରମ ସୃଷ୍ଟି କରୁଛି । ଗାଁ ଗହଳିଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ଏଥିରୁ ରକ୍ଷା ପାଇବା ପାଇଁ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି । ଗରମରୁ ରକ୍ଷା ପାଇବା ପାଇଁ ବିଜୁଳି ପଙ୍ଖା, କୁଲର, ଏୟାର କଣ୍ଡିସନର ଜରିଆରେ ଉଦ୍ୟମ କରାଯାଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ବହୁଲୋକ ସାଂଘାତିକ ଭାବେ ହଇରାଣ ହେଉଛନ୍ତି । ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିସିଓଡ଼ିଏଲ୍) କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ମଙ୍ଗଳବାର ଦିନତମାମ୍ ବହୁ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହୋଇଥିବାରୁ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ବିଦ୍ୟୁତ୍ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଅଞ୍ଚଳବାସୀଙ୍କୁ ନୀରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

## ବ୍ରାଉନସୁଗାର ବ୍ୟବସାୟ କରି ମା'ପୁଅ ଜେଲ ଗଲେ

- ବାନ୍ଧିଲା ଜିଲା ଅବକାରୀ ସ୍କ୍ୱାର୍ଡ
- ଟାଟାଏସି ଗାଡି, ୨୦୦ ଗ୍ରାମ ବ୍ରାଉନସୁଗାର ଓ ୧.୧୭ ଲକ୍ଷ ଟଙ୍କା ଜବତ

ନୟାଗଡ଼/ରଣପୁର, ୩୦।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଚାନ୍ଦପୁର ଥାନାର ମୟୂରଝାଲିଆ ଛକରେ ବ୍ରାଉନସୁଗାର କାରବାର କରୁଥିବାବେଳେ ନୟାଗଡ଼ ଜିଲା ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ମଙ୍ଗଳବାର ପୂର୍ବାହ୍ନରେ ମା'ପୁଅଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ମୟୂରଝାଲିଆ ତନ୍ତିସାହିର ଗୋକୁଳାନନ୍ଦ ପ୍ରଧାନଙ୍କ ସ୍ତ୍ରୀ ରିନା(୪୮) ଓ ପୁଅ ସଚିନ(୨୧)ଙ୍କ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଉଭୟଙ୍କ ଠାରୁ ଓଡି୦୨ବି ଆର ୧୮୨୧ ନଂର ଟାଟା ଏସି ଗାଡି ସହ ୨୦୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଦାମ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ସେହିପରି ୧ ଲକ୍ଷ ୧୭ ହଜାର ୫୯୦ ଟଙ୍କା, ୪ଟି ମୋବାଇଲ ଓ ୩ଟି ସ୍ମାର୍ଟ ଫୋନ ଏପରି ମୋଟରେ ୭ଟି ମୋବାଇଲ ଜବତ ହୋଇଛି। ଜବତ ମୋବାଇଲର ଦାମ ୨୦ ହଜାର ଟଙ୍କା ହେବ। ଏନେଇ ଜିଲା ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ୩୨/୨୦୨୪ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ଚଢ଼ାଉରେ ଜିଲା ଅବକାରୀ ସ୍କ୍ୱାର୍ଡର ଏସ୍‌ଆଇ ଅର୍ପିତା ରାଣୀ ସାହୁ, ଏଏସ୍‌ଆଇ ବିଦ୍ୟାଧର ପ୍ରଧାନ, କନ୍‌ଷ୍ଟେବଳ ଲକ୍ଷ୍ମୀଧର ବେହେରାଙ୍କ ସମେତ ୮ଜଣ ଓ ଚାନ୍ଦପୁର ଥାନା ପୋଲିସ ସାମିଲ ଥିଲା ବୋଲି ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀ କହିଛନ୍ତି।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି କେନାଲ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଅବକାରୀ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କୈଳାସ ଚୌଧୁରୀ। କୈଳାସ ଦେଶୀମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ସଦର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ତେବେ ଏହା ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଓ ବିଭାଗୀୟ କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗି ୨ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତକରି ନଷ୍ଟକରି ଫେରିଛନ୍ତି। ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦି ଜବତ ହୋଇଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ କହିଛନ୍ତି।

### ଯୌନ ନିର୍ଯାତନା ଆଇନ ସମ୍ପର୍କିତ ସଚେତନତା ଶିବିର

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମଙ୍ଗଳବାର ଜୟପୁର ଜିଲା ଜଜ୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଫାର୍ମାସୀ କଲେଜ, ଠାରେ ହୋଇଥିବା ଏହି କାର୍ମଶାଳାରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସୁପ୍ରିମକୋର୍ଟଙ୍କ ଗାଇର୍ଡଲାଇନ ପାଳନ କରି ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲେ ପିଡିତାଙ୍କୁ କଣ କରିବାକୁ ପଡିବ ଏବଂ ଏହାକୁ ସେମାନେ କିପରି ମୁକାବିଲା କରିବେ ସେ ସମ୍ପର୍କରେ ବୁଝାଇଥିଲେ। ଶିବିରରେ ଫାର୍ମାସୀ କଲେଜ ଅଧକ୍ଷ ଡ. ପୃଥ୍ୱୀରାଜ ମହାପାତ୍ର, ମାନସୀ ଖାଡେଙ୍ଗେ, ଭି. ଶ୍ରୀଦେବୀ, ମାଜମା ବେଗମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାବଣପୋଡ଼ି ପରେ ଗଣିଆ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ

ଗଣିଆ,୩୦।୪(ସନ୍ତୋଷ କୁମାର ପ୍ରଧାନ)



ଗଣିଆ ବଜାରରେ ୩୨ଫୁଟ ଉଚ୍ଚତା ବିଶିଷ୍ଟ ରାବଣଙ୍କ ମୂର୍ତ୍ତି।

ନୟାଗଡ଼ ଜିଲା ଗଣିଆସ୍ଥିତ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଗତ ୧୭ତାରିଖ ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ଲଙ୍କାପୋଡ଼ି ଯାତ୍ରା ଶେଷ ହୋଇଛି। ମଙ୍ଗଳବାର ରାତିରେ ରାମ ରାବଣ ଯୁଦ୍ଧ ପରେ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣ ନିହତ ହୋଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ରାତିରେ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାତି ୮ଟାରୁ ବଜାରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାତି ୧୨ଟାରେ ଆରମ୍ଭ ହୋଇଥିଲା ରାମଲୀଳା ମହୋତ୍ସବ। ମନ୍ଦିର ପରିସର ନାଟ୍ୟମଣ୍ଡପରେ ବାନରସେନା ଓ ରାମଲକ୍ଷ୍ମଣଙ୍କ ସହ ରାବଣ ଓ ଅସୁରସେନାଙ୍କ ଯୁଦ୍ଧ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଇନ୍ଦ୍ରଙ୍କ ପ୍ରେରିତ ବିମାନରେ ରାମ,ଲକ୍ଷ୍ମଣ,ହନୁମାନ,ସୁଗ୍ରୀବ,ବିଭୀଷଣ ଥିବାବେଳେ ରାବଣ ମଧ୍ୟ ସୁସଜ୍ଜିତ ପୁଷ୍ପକ ବିମାନରେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଥିଲା। ଉଭୟ ପକ୍ଷ ସେନା ନାଟ୍ୟମଣ୍ଡପରୁ ଗଣିଆ ବଜାର ଦେଇ ବ୍ଲକ କାର୍ଯ୍ୟାଳୟ ନିକଟ ହାଟପଡ଼ିଆ ପର୍ଯ୍ୟନ୍ତ ଯୁଦ୍ଧ କରି ଯିବା ପରେ ଶ୍ରୀରାମ ତୂଣୀରୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟରେ ପୂର୍ବରୁ ନିର୍ମିତ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ବାଉଁଶ ଓ କାଗଜରେ ତିଆରି ରାବଣରେ ଆତସବାଜି ଖଞ୍ଜା ଯାଇଥିଲା। ରାମଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ପରେ ସେହି ରାବଣ ଦେହରେ ନିଆଁ ଲଗାଯିବା ସହ ଆତସବାଜି ଫୁଟି ଉଠିଥିଲା। ପରେ ମାନସିକଧାରୀଙ୍କ ପ୍ରଦତ୍ତ ଆତସବାଜି ପ୍ରତିଯୋଗିତା ସକାଳ ପର୍ଯ୍ୟନ୍ତ ଚାଲୁ ରହିଥିଲା। ସେହିପରି ଲଙ୍କାପୋଡ଼ି ଯାତ୍ରାରେ ଗଣିଆ ବଜାରରେ ୩୨ଫୁଟ ଉଚ୍ଚତା ବିଶିଷ୍ଟ ରାବଣଙ୍କ ପ୍ରତିମୂର୍ତ୍ତିକୁ ଯୁଦ୍ଧାସ୍ତ୍ର ସହ ସଜାଇ ରଖାଯାଇଥିଲା। ଶ୍ରୀରାମ ଦୟା ପରିଷଦର କଳାକାରଙ୍କ ମଧ୍ୟରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ ଥିଲା। ବୁଧବାର ସକାଳୁ ସୀତାଙ୍କ ଅଗ୍ନି ପରୀକ୍ଷା ଓ ଶ୍ରୀରାମାଭିଷେକ ଉତ୍ସବ ଅନୁଷ୍ଠିତ ହେବ। ଏହି ଲଙ୍କାପୋଡ଼ି ଯାତ୍ରା ଦେଖିବାକୁ ଗଣିଆରେ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

## ସାଇନ୍ସ ଅଲିମ୍ପିଆଡ୍‌ରେ ଆଦ୍ୟାଶା ଦେଶର ପ୍ରଥମ

ଛତ୍ରପୁର, ୩୦।୪ (ଦିଲ୍ଲୀପ ସାମଲ)



କମ ବୟସରୁ ସଫଳତା ପାଇଛନ୍ତି ୯ ବର୍ଷର କୁନି ଆଦ୍ୟାଶା। ସାଇନ୍ସ ଅଲମ୍ପିୟାଡ଼ ଲେଭଲ –୨ ପ୍ରତିଯୋଗିତାରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଛତ୍ରପୁର ୟୁରୋ ସ୍କୁଲର ଛାତ୍ରୀ ଆଦ୍ୟାଶା ପରିଡା। ସେ ଭାଗ୍ୟଲକ୍ଷ୍ମୀ ନଗର ପ୍ରଥମ ଗଳିର ନିବାସୀ। ଗତ ୨୦୨୩ ମସିହାରେ ଛତ୍ରପୁରର ୟୁରୋ କିଡ଼ସ ସ୍କୁଲ ପରିସରରେ ସେ ସାଇନ୍ସ ଅଲମ୍ପିୟାଡ଼ ଲେଭଲ–୨ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଆଉ ଏବେ ତାହାର ଫଳାଫଳ ପ୍ରକାଶ ପାଇଛି। ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଦ୍ୟାଶାଙ୍କ ସମେତ ବହୁ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ସ୍କୁଲର ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବାପା ମା'ଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ସେ ଡାକ୍ତର ହେବାର ଆଶା ରଖିଥିବା ସେ କହିଛନ୍ତି।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ହତ୍ୟା, ଯୁବକ ଗିରଫ

ପଡିଆ, ୩୦।୪(ଭାସ୍କର ରାଓ)

ଜମିବାଡି. ବିବାଦକୁ ନେଇ ହତ୍ୟା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି । ସେ ହେଲେ ଗଙ୍ଗା ମାଢି (୪୦)। ନଂ.୭୪/୨୪ ମାମଲା ରୁଜୁ କରାଯାଉ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ପଡିଆ ଥାନା ବାପନପଲ୍ଲୀ ପଞ୍ଚାୟତ କୁଞ୍ଜାଗୁଡା ଗ୍ରାମରେ ଗତ ୨୮ତାରିଖ ଏହି ଘଟଣା ଘଟିଥିଲା। ଜମିବାଡ଼ି ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ସେଦିନ ମୃତ ରାମା କୁଞ୍ଜା ସନ୍ଧ୍ୟାରେ ଗଙ୍ଗାଙ୍କ ସ୍ତ୍ରୀଙ୍କୁ ବାଡେଇବାକୁ ଧମକ ଦେବା ସହ ଝଗଡା କରିଥିଲେ । ଗଙ୍ଗା ଉତ୍ତ୍ୟକ୍ତ ହୋଇ ଧାରୁଆ କାତିରେ ତାଙ୍କ ବେକ କାଟି ଦେଇଥିଲେ।

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ,୧୦ ହଜାର ଜରିମାନା

**ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା**

ଭଞ୍ଜନଗର,୩୦।୪(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ବୁଦ୍ଧଖୋଲ ଜଙ୍ଗଲରେ ୨୦୧୫ ମସିହା ମେ' ୨୭ ତାରିଖରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡ଼ିଜେ ଦେବଦତ୍ତ ପଟ୍ଟନାୟକ ୧୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ କିରାପଲ୍ଲୀର ସନ୍ତୋଷ ଗୌଡ଼ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମନା ପକାଇଛନ୍ତି । ଜରିମନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶଯେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜିଲିବାର ଜଣେ ମହିଳା ଘଟଣାଦିନ ବୁଗୁଡ଼ା ବୁଦ୍ଧଖୋଲ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଏହି ସମୟରେ ଭଞ୍ଜନଗର ଥାନା ଅନ୍ତର୍ଗତ କିରାପଲ୍ଲୀର ସନ୍ତୋଷ ଗୌଡ଼ ଉକ୍ତ ମହିଳାଙ୍କୁ ବୁଦ୍ଧଖୋଲ ଜଙ୍ଗଲ ଭିତରେ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣଙ୍କ ଘଟଣା ସମ୍ପର୍କରେ ପ୍ରଘଟ କରିଦେବେ ବୋଲି କହିବାରୁ ସନ୍ତୋଷ ପ୍ରମାଣ ନଷ୍ଟ ପାଇଁ ମହିଳାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ସନ୍ତୋଷ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣା ପରଦିନ ଉକ୍ତ ରାସ୍ତାରେ ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ କରିବାକୁ ଯାଉଥିବା କିଛି ମହିଳା ଏକ ଶବ ପଡ଼ିଥିବା ଦେଖିଥିଲେ। ଏହି ସମୟରେ ସେହି ରାସ୍ତାରେ ଚାଲିଚାଲି ଯାଉଥିବା ବୁଗୁଡ଼ାର ଦିଲିପ ଦାସଙ୍କୁ ମହିଳାମାନେ ଘଟଣା ସମ୍ପର୍କରେ ସୁଚନା ଦେଇଥିଲେ। ଦିଲିପ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା । ଏଥିସହ ମହିଳାଙ୍କ ବ୍ୟାଙ୍କ ପାସ୍ ବୁକ୍ ମାଧ୍ୟମରେ ଠିକଣା ଠାବ କରିଥିଲେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଫଳରେ ପୋଲିସ ତଦନ୍ତ କରି ପରବର୍ତ୍ତି ପର୍ଯ୍ୟାୟରେ ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଘଟଣା ପରଠୁ ସନ୍ତୋଷ ଜେଲରେ ବନ୍ଦୀ ଅଛନ୍ତି । ଆଜି ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦଲାଙ୍କ ପକ୍ଷରୁ ଅଭିମନ୍ୟୁ ଗୌଡ଼ ମାମଲା ପରିଚାଳନା କରୁଥିଲେ।

## ଲାଭ ଦେଉଛି ସୁଇଟ୍ କର୍ନ, ବେବି କର୍ନ ଚାଷ

ତେନ୍ତୁଲିଖୁଣ୍ଟି, ୩୦।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଚଳିତ ରବି ଋତୁରେ ଚାଷୀଙ୍କୁ ବେବି କର୍ନ ଓ ସୁଇଟ୍ କର୍ନ ଚାଷ ଭଲ ହୋଇଛି। ଏହି ଚାଷ କରିବା ପାଇଁ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ୮ ହେକ୍ଟରରେ ସୁଇଟ୍ କର୍ନ ଓ ୨ ହେକ୍ଟରରେ ବେବି କର୍ନ ଚାଷ କରିବାକୁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିଲା। ଅର୍ଥକରୀ ମକା ଚାଷ କରି ଉପଯୁକ୍ତ ବଜାର ବ୍ୟବସ୍ଥା ସୃଷ୍ଟି ଲକ୍ଷ୍ୟରେ ଏହା କରାଯାଇଛି। ବିହନ ପ୍ରଦାନ ବେଳେ ଫସଲର ଯତ୍ନ ଓ ଅମଳ ବିଷୟରେ ତାଲିମ ଦିଆଯାଇଥିଲା। ସୁଦାମ ପଣ୍ଡାଙ୍କ ସୁଇଟ୍ କର୍ନ କ୍ଷେତରେ କ୍ରପ୍ କଟିଂ କରାଯାଇଥିଲା। ତାଙ୍କ ଜମିରେ ପ୍ରାୟ ହେକ୍ଟର ପ୍ରତି ୭୦ ହଜାର ଗଛ ହୋଇଥିଲା। ସାଧାରଣ ମକା ହେକ୍ଟରରେ ସର୍ବାଧିକ ୬୦ କୁଇଣ୍ଟାଲ ଅମଳ ହୋଇ ଏକ ଲକ୍ଷ କୋଡିଏ ଲାଭ ମଳେ। କିନ୍ତୁ ସୁଇଟ୍ କର୍ନରେ ୨ ଲକ୍ଷ ୪୦ ହଜାର ମିଳିବ। ବେବି କର୍ନ ମଧ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରେ ବିକ୍ରି ହୋଇପାରିବ। ଏଣୁ ପର୍ଯ୍ୟାୟକ୍ରମେ ଏହି ଚାଷ କରିବାକୁ ପରୀକ୍ଷାମୂଳକ ଭାବେ ଯୋଜନା କରାଯାଇଥିଲା। ଏହି ମିଶନରେ କୃଷି ବୈଜ୍ଞାନିକ ପ୍ରଦୀପ୍ତ କୁମାର ସେନ,ଏସ୍.କେ. ସାମୁଏଲ ଇସଲାମ, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭରସିୟର ଧୀରେନ ବେହ୍ୟା, ମଧୁସ୍ମିତା ପତି ସାମିଲ ଥିଲେ। ଏଟିଏମ୍ ବାଳଗୋବିନ୍ଦ ସାହୁ ଓ ଆଶିଷ ପରିଡ଼ା ବୈଷୟିକ ସହାୟତା ଯୋଗାଇ ଦେଇଥିଲେ।

